ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 31 | 31 July - 06 August 2022 | Sambalpur | Page-12 | Invitation Price Rs.10

ଅଗଷ୍ଟ ୧ ତାରିଖ ଦିନ ପାଳନ ହେବ ସମ୍ବଲପୁରୀ ଦିନ

ସମ୍ବଲପୁର : ସବୁଥର ଭଳି ଏଥର ମଧ ଆସନ୍ତା ଅଗଷ୍ଟ ୧ ତାରିଖ ଦିନ ସ୍ୱର୍ଗତ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଂସ୍କୃତିକ ମହାପରବ୍ 'ସମ୍ବଲପୁରୀ ଦିନ୍' ଆଡମ୍ବରରେ ପାଳନ କରାଯିବ । ଏଥିପାଇଁ ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋରଦାର୍ ପ୍ରସ୍ତୁତି ଚାଲିଛି । ପୂର୍ବବର୍ଷ ମାନଙ୍କରେ କଚେରୀ ଛକରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ଗଙ୍ଗାଧର ମଣ୍ଡପ ଠାରେ ମଧ ଅନ୍ୟ ଏକ ଉତ୍ସବ ଆୟୋଜନ କରାଯାଉଛି । ଏହାଛଡ଼ା ୩ ତାରିଖ ଦିନ ସମ୍ବଲପୁରୀ ହବ୍ ପକ୍ଷରୁ ମୁଦିପଡ଼ା ସ୍ଥିତ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ହଲ୍ ଠାରେ ମଧ ଏକ ଉତ୍ସବର ଆୟୋଜନ କରାଯାଉଛି । ଏହି ଦିନକୁ ସ୍ମରଣ କରିବା ଏବଂ ତାଙ୍କ ଅବଦାନ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଅଗଷ୍ଟ ୧ ତାରିଖ ଦିନ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କୁ ସମ୍ବଲପୁରୀ ପୋଷାକ ପରିଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି । ଏନେଇ ଜିଲ୍ଲାପାଳ ଅନନ୍ୟା ଦାସ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଚିଠି ମାଧମରେ ସୂଚିତ କରିଛନ୍ତି । ପୂର୍ବରୁ ବରଗଡ ଜିଲ୍ଲାପାଳ ମଧ ସମ୍ବଲପୁରୀ ଦିନ୍ ଅବସରରେ ସମସ୍ତ କର୍ମଚାରୀଙ୍କୁ ସମ୍ବଲପୁରୀ ପୋଷାକ ପରିଧାନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ପ୍ରାଶାସନିକ ଭାବେ ଗ୍ରହଣ ହୋଇଥିବା ଏହି ପଦକ୍ଷେପକୁ ସମସ୍ତ ମହଲରେ ସ୍ୱାଗତ କରାଯାଇଛି । ସମ୍ବଲପୁରୀ ଭାଷା ଓ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଆରମ୍ଭ ହୋଇଥିବା ଏହି ଉଦ୍ୟମକୁ ପ୍ରାଶାସନିକ ସହଯୋଗ ଓ ସମର୍ଥନ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ସମଗ୍ର ସମ୍ବଲପୁରୀ ଭାଷାଭାଷୀ ଅଞ୍ଚଳର ଜନସାଧାରଣଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଛି । ସମ୍ବଲପୁରୀ ଦିନ ପାଳନ ଅବସରରେ ସମ୍ବଲପୁରୀ ପୋଷାକ ପିନ୍ଧିବା, ସମ୍ବଲପୁରୀ ଖାଦ୍ୟ ଖାଇବା ଏକ ପରମ୍ପରାରେ ପରିଣତ ହୋଇଛି । ତେବେ ଏଥର ପ୍ରଥମ ଥର ପାଇଁ ସମ୍ବଲପୁର ଓ ବରଗଡ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କୁ ସମ୍ବଲପୁରୀ ଦିନ ଅବସରରେ ସମ୍ବଲପୁରୀ ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦେଇଛନ୍ତି, ଯାହା ଜନସାଧାରଣ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଛି । ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ସମ୍ବଲପୁରୀ ଦିନ ପାଳନ କରାଯିବ ବୋଲି ଜଣାପଡିଛି । ଏହାଛଡ଼ା କେତେକ ଘରୋଇ କଲେଜ ଓ ସ୍କୁଲ ପକ୍ଷରୁ ମଧ ଉକ୍ତ ଦିନ ସମ୍ବଲପୁରୀ ପୋଷାକ ପରିଧାନ କରିବା ପାଇଁ ମଧ ପରାମର୍ଶ ଦିଆଯାଇଛି । ବର୍ତ୍ତମାନ ସମ୍ବଲପୁରୀ କପଡ଼ା କିଣି ପୋଷାକ ପ୍ରସ୍ତୁତ କରିବା ପାଇଁ ସବୁଠି ଦୋକାନରେ ଭିଡ଼ ଲାଗିଛି । ପୋଷକ ସିଲେଇ କରିବା ପାଇଁ ଦରଜିମାନେ ମଧ ଚିନ୍ତାରେ ପଡିଛନ୍ତି । କପଡ଼ା ଦୋକାନ ଗୁଡ଼ିକରେ ମଧ ପସନ୍ଦର ରେଡିମେଡ୍ ସମ୍ବଲପୁରୀ ପୋଷାକ ମିଳିବା କଷ୍ଟକର ହୋଇପଡିଛି । ଫଳରେ ଲୋକେ ଏ ଦୋକାନରୁ ସେ ଦୋକାନ ଓ ଦରଜିମାନଙ୍କ ନିକଟକୁ ଧାଇଁବା ଆରମ୍ଭ କରିଛନ୍ତି । ଏଣେ ସମ୍ବଲପୁରୀ ଦିନର ଆୟୋଜନ ପ୍ରସ୍ତୁତି ଜୋର୍ ଧରିଛି । ସୋସିଆଲ୍ ମିଡିଆରେ ବ୍ୟାପକ ପ୍ରଚାର ପ୍ରସାର ସହ ପୂର୍ବ ଅପେକ୍ଷା ଏଥର ଆୟୋଜନ ବ୍ୟାପକ କରିବା ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଚାଲିଛି । ବିଶିଷ୍ଟ କଳାକାରଙ୍କ ଆଗମନ, ଖାଦ୍ୟ, ପିଠା ପଣାର ସ୍ୱତନ୍ତ୍ର ଆସରକୁ ଉପଭୋଗ କରିବା ପାଇଁ ମଧ ଜନସାଧାରଣଙ୍କ ମଧରେ ଉତ୍ସାହ ବୃଦ୍ଧି ପାଉଛି ।


ଗୁରୁ ସତ୍ୟନାରାୟଣ ବହିଦାରଙ୍କର୍
ପବିତ୍ର ଜନ୍ମଦିନ୍ ୧ ଅଗଷ୍ଟ ଥିଁ ଆସୁନ୍ ମନାମା
ପଶ୍ଚିମାଞ୍ଚଳ
ସମ୍ବଲପୁରୀ ଦିନ୍
ଠାନ୍- ଜେଲ୍ ଛକ୍ ନୁ କଚେରୀ ଛକ୍, ସମ୍ବଲପୁର
ସମିଆ- ଦିନର ୧୦ ବଜେନୁ ରାତିର ୧୦ ବଜେତକ


ସମ୍ବଲପୁରୀ ଦିନ
ପିଲାମାନେ ଶ୍ରୀ ଶ୍ରୀମତୀ ୭ ରୁ ୪୦ ବରଷ ଚକ୍ ଭାଗ ନେଇ ପାରବେ
ଆଗ୍ରହୀ ମାନେ ନାଚ ଗୀତ ଆଉ ସମ୍ବଲପୁରୀ ଫ୍ୟାସନ ଶୋ ଥି ଭାଗ ନେଇ ପାରବେ
ଆମର ବେଶ ଆମର ଭେଶ୍
ଆୟୋଜକ
ସମ୍ବଲପୁରୀ ହବ୍
ଟ୍ରେଣ୍ଡ ଏବଂ ଫ୍ୟାଶନ୍
ଯୋଗାଯୋଗ :-
7504397224, 8658707018
https://www.facebook.com/sambalpuri.in
instagram.com/hubSambalpuri//
https://youtube.com/channel/UC4IrX6E2sjIQaIKtGhJM5Aw
ଯୋଗାଯୋଗ : 7504397224,8658707018,6370717321,8327727470,8328873611


ସମ୍ବଲପୁରୀ ଦିନ୍
୧ ଅଗଷ୍ଟ
ଅବଗା ସମ୍ବଲପୁରୀ ନାଚମା, ଗାଏମା,
ପଢ଼ମା, ଲେଖମା, ପିନ୍ଧମା, କହେମା, ସୁନମା
ଅଭିଲିପ୍ସା ପଣ୍ଡା
ହର ହର ଶମ୍ଭୁ ଫେମ
ଅନ୍ୱେଷା ଅଦିତି ମହାପାତ୍ର
ମିସ ଇଣ୍ଡିଆ ପ୍ଲାନେଟ
ଆମେ ଆସୁଛୁଁ....
ନିଉତା ରହେଲା ସମସ୍ତେ ଆସବେ
ଢୁଲକିବା ଗଙ୍ଗାଧର୍ ମଣ୍ଡପ୍ ଢୁଲକିବା, ସମ୍ବଲପୁର୍
ଆୟୋଜକ -ସମ୍ବଲପୁରୀ ଏକତା ମଞ୍ଚ

ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଗଙ୍ଗାଧର ମଣ୍ଡପରେ ଆୟୋଜିତ ହେବାକୁ ଥିବା 'ସମ୍ବଲପୁରୀ ଦିନ'ରେ 'ହର ହର ଶମ୍ଭୁ' ଗୀତ ଗାଇ ସାରା ଦେଶରେ ଚର୍ଚ୍ଚାରେ ଥିବା ପଶ୍ଚିମ ଓଡ଼ିଶାର ଝିଅ ଅଭିପ୍ସା ପଣ୍ଡା ଚଳିତ ବର୍ଷର ସବୁଠାରୁ ବଡ଼ ଆକର୍ଷଣ ହେବେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ଚିତ୍ରକଳା ପ୍ରଦର୍ଶନୀ ଓ ଫେସନ୍ ସୋ' ଅନୁଷ୍ଠିତ ହେବ । ଏହାଛଡ଼ା ବିଶିଷ୍ଟ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ଦେବା କାର୍ଯ୍ୟକ୍ରମ ମଧ ରହିଛି ।

ଚଳିତ ଥର ପ୍ରଥମ ଥର ପାଇଁ ସମ୍ବଲପୁରୀ ଦିନ ଆୟୋଜନ କରୁଥିବା ସମ୍ବଲପୁରୀ ହବ୍‌ର ପ୍ରତିଷ୍ଠାତା ସେନ୍ ସାମନ୍ତରାୟ ସହ ପ୍ରତିଷ୍ଠାତା ରାଜୀବ ପାଢ଼ୀ, ଆୟୋଜକ ରାଜୀବ ସୋନୀ, ସୁନୀତା ରାଜୀବ ସୋନୀ ଓ ନେହା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ବିଶେଷ ତତ୍ପର ହୋଇ ଉଠିଛନ୍ତି । ଏହି ଉତ୍ସବରେ ସମ୍ବଲପୁରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା ସାଙ୍ଗକୁ ଗ୍ଲୋବାଲ୍ ଡାନ୍ସ ଆଇକନ୍ ଶାଶ୍ୱତ ଯୋଶୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ମହାନଦୀ ଟ୍ରିବ୍ୟୁନାଲରେ ରାଜ୍ୟ ସରକାର ଖର୍ଚ୍ଚ କଲେଣି ୯୨ ଲକ୍ଷ

ଭୁବନେଶ୍ୱର: ମହାନଦୀ ପାଣିକୁ ଛତିଶଗଡ଼ ବଡ଼ ବଡ଼ ବ୍ୟାରେଜ କରି ଅଟକାଇଛି । ଅଣମୌସୁମୀ ବେଳେ ନଦୀର ଜଳସ୍ରୋତ ହ୍ରାସ ପାଇଛି । ମାମଲା ଏବେ ମହାନଦୀ ଟ୍ରିବ୍ୟୁନାଲରେ ରହିଛି । ଏ ପର୍ଯ୍ୟନ୍ତ ଫଳାଫଳ ଆସି ନାହିଁ । ତେବେ ଗତ ୫ ବର୍ଷ ମଧରେ ଟ୍ରିବ୍ୟୁନାଲରେ ମାମଲା ଲଢ଼ିବାକୁ ରାଜ୍ୟ ସରକାର ୯୨ ଲକ୍ଷ ୨୯ ହଜାର ୨୩ ଟଙ୍କା ଖର୍ଚ୍ଚ କରି ସାରିଲେଣି । ଭାଜପା ସଭ୍ୟ ଗଣେଶରାମ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ଏହା କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଜୀବନରେଖା ମହାନଦୀରେ ଛତିଶଗଡ଼ ସରକାର ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରି ଅର୍ଦ୍ଧାଧିକ ଜଳ ଅଟକାଇଛନ୍ତି । ଏଥିଯୋଗୁଁ ଅଣମୌସୁମୀ ସମୟରେ ନଦୀର ଜଳ ପ୍ରବାହ ହ୍ରାସ ପାଇଛି । ଏହାର ପ୍ରତିବାଦରେ ଓଡ଼ିଶା ସରକାର ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ ୧୯୫୬ର ଧାରା ୩ ଅନୁସାରେ ୨୦୧୬ ନଭେମ୍ବର ୨୧ ତାରିଖରେ କେନ୍ଦ୍ର ସରକାରଙ୍କ ନିକଟରେ ଏକ ବୈଧାନିକ ଅଭିଯୋଗ କରିଛନ୍ତି । ଇତିମଧରେ ମହାନଦୀର ସୁରକ୍ଷା ପାଇଁ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ଦାଏର କରିଥିଲେ । ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ୨୦୧୮ ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି, ଯାହାର ଶୁଣାଣି ପ୍ରକ୍ରିୟା ଚାଲୁ ରହିଛି । ଇତିମଧରେ ଟ୍ରିବ୍ୟୁନାଲ ୨୯ଟି ବୈଠକ କରି ମହାନଦୀ ପ୍ରବାହିତ ରାଜ୍ୟଗୁଡ଼ିକଠାରୁ ତଥ୍ୟ ପ୍ରଦାନ ଏବଂ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ବିଭିନ୍ନ ନଦୀରେ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦେଇ ସରକାର ୪୬ଟି ଇନ୍‌ଷ୍ଟ୍ରିମ ବ୍ୟାରେଜ ଷ୍ଟ୍ରକ୍ଟର ପ୍ରକଳ୍ପ ନିର୍ମାଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

ଏ ସଂଖ୍ୟାରେ..

ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି

ଶୋଇବା ପୂର୍ବରୁ କ୍ଷୀର ପିଅନ୍ତୁ

ଏସିଡିଟିରୁ ମୁକ୍ତି ଦିଏ ଗୋଲମରିଚ

ଯକ୍ଷ୍ମା ବଇଦ ଡାଳିମ୍ବ

କଦମ୍ବର ଉପକାରିତା

ବସନ୍ତପୁରବାସୀଙ୍କୁ ତାଙ୍କ ପୈତୃକ ଜମି ଫେରେଇବା ଦାବି ଦୋହରାଇଲେ ନାଉରି

ସମ୍ବଲପୁର: ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ଅଧିଗୃହୀତ ହୋଇଥିବା ଜମିରୁ ଉପଯୋଗ ହୋଇ ନ ଥିବା ଜମିକୁ ଲୋକଙ୍କୁ ଫେରେଇ ଦେବା ପାଇଁ ରେଙ୍ଗାଲି ବିଧାୟକ ନାଉରି ନାୟକ ବିଧାନସଭାରେ ପୁନଃ ଦାବି କରିଛନ୍ତି ।

ପୃଥିବୀର ଦୀର୍ଘତମ ହୀରାକୁଦ ମାଟିବନ୍ଧ ଯୋଜନାରେ ହୀରାକୁଦ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ସମୟରେ ସରକାର ୧୯୪୬ ମସିହାରେ ପ୍ରସ୍ତାବିତ ଚିପିଲିମା ସବସିଡ଼ିଆରି ରିଜର୍ଭର ସ୍ଥାପନ ପାଇଁ ବସନ୍ତପୁର ପଞ୍ଚାୟତ ର ୬ଟି ମୌଜାର ୭ହଜାର ୫ଶହ ଏକର ଜମିକୁ ଶାଗମାଛ ମୂଲ୍ୟ ରେ ଅଞ୍ଚଳ ର ଚାଷୀମାନଙ୍କ ଠାରୁ ଅଧିଗ୍ରହଣ କରିଥିଲେ । କେବଳ ବସନ୍ତପୁର ମୌଜା ରୁ ୨୭ଶହ ଏକର ଜମି ଅଧିଗୃହୀତ ହୋଇଥିଲା । ତେବେ ୧୯୫୨ମସିହାରେ ନିଷ୍ପତ୍ତି ପରିବର୍ତ୍ତନ କରି ସରକାର ବନ୍ଧ ବଦଳରେ ଚିପିଲିମା ରେ ୫ଶହ ଏକର ଜମିରେ ପାୱାର କେନାଲ ନିର୍ମାଣ କରିଥିଲେ । ବିହାର ଓ ଓଡ଼ିଶା ଜମି ଅଧିଗ୍ରହଣ ମେନୁଆଲ ୧୯୨୯ ଅନୁସାରେ ଅବ୍ୟବହୃତ ଅବଶିଷ୍ଟ ୭ହଜାର ଏକର ଜମିକୁ ସରକାର ଫେରସ୍ତ କରିବା କଥା କିନ୍ତୁ ତଥା ତାହା କରା ଯାଇନାହିଁ ।

ଉକ୍ତ ଜମିରୁ ଏସଏଲବି ଫାର୍ମ କୁ ୩ହଜାର ୫ଶହ ଏକର, କେନ୍ଦ୍ରୀୟ ଗୋ ପ୍ରଜନନ ଫାର୍ମ କୁ ୧ହଜାର ୪ଶହ ଏକର, କୃଷି ଗବେଷଣା କେନ୍ଦ୍ର ଓ କୃଷି ମହାବିଦ୍ୟାଳୟ କୁ ୮ଶହ ଏକର, ମତ୍ସ୍ୟ ଜାଆଁଳା ଉତ୍ପାଦନ କେନ୍ଦ୍ର କୁ ୫ଏକର ପ୍ରଦାନ କରାଯାଇଥିଲା । ଏହା ପରେ ମଧ ବହୁଜମି ଅବ୍ୟବହୃତ ହୋଇ ପଡିଥିବା ବେଳେ ବର୍ତ୍ତମାନ ବସନ୍ତପୁର ପଞ୍ଚାୟତ ର ଗଡ଼ମୁଣ୍ଡା, ରେଙ୍ଗାଳି ପାଲି, ସତୀଯୋର ଓ ତାଳପଦର ଗ୍ରାମର ସମୁଦାୟ ଚାଷୀମାନେ ମିଶି ପ୍ରାୟ ୮ଶହ ଏକର ରୁ ଉର୍ଦ୍ଧ ଜମି ଦଖଲ କରି ଚାଷ କରିଆସୁଛନ୍ତି । କିନ୍ତୁ ରାଜସ୍ୱ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରତି ୬ମାସରେ ଥରେ କାରଣ ଦର୍ଶାଅ ନୋଟିସ ଜାରି କରି ଜରିମାନା ଆଦାୟ କରାଯାଉଛି । ସମସ୍ୟାର ସ୍ଥାୟୀ ସମାଧାନ ଆଜି ପର୍ଯ୍ୟନ୍ତ ହୋଇ ପାରୁନାହିଁ । ଏହି କାରଣରୁ ସରକାର ଜମି ଅଧିଗ୍ରହଣ କରିଥିବାରୁ ପ୍ରତିବର୍ଷ ଚାଷୀ ପଞ୍ଜିକରଣ ରେ ବାଧା ସୃଷ୍ଟି ଓ ଟୋକାନ ସମସ୍ୟା ଏହି ଅଞ୍ଚଳ ରେ ଲାଗିରହିଛି ବୋଲି ଶ୍ରୀ ନାୟକ କହିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଦ୍ୟୁତ ମହୋତ୍ସବ ପାଳନ

ସୁବର୍ଣ୍ଣପୁର: ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସାରା ଦେଶରେ ପାଳନ କରାଯାଉଥିବା ଉଜ୍ଜ୍ୱଳ ଭାରତ-ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଦ୍ୟୁତ ଉତ୍ସବ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସଂସ୍ଥା ସମୂହ ଏନଟିପିସି, ଓପି ଟିସିଏଲ, ଟିପିଓଡବ୍ଲ୍ୟୁଡି ଏଲ ଙ୍କ ସହଯୋଗରେ ଆୟୋଜିତ ହୋଇଯାଇଛି । ଉତ୍ସବରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ସୁପାର ଠେଲା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ, ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀ ଝସକେତନ ବଘାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟୁତ ସୁରକ୍ଷା, ସଂରକ୍ଷଣ, ଜଳ ବିଦ୍ୟୁତ ସୁରକ୍ଷା ତଥା ବିଦ୍ୟୁତର ଭବିଷ୍ୟତ ସୁରକ୍ଷା ସମ୍ପର୍କିତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ମାଧମରେରେ ପ୍ରଦର୍ଶନ କରାଯାଇଥିବା ବେଳେ ସୋନପୁର ନାଟ୍ୟ ଚକ୍ର ଦ୍ୱାରା ବିଦ୍ୟୁତ ସଂରକ୍ଷଣ ଓ ସୁରକ୍ଷା ଉପରେ ନୁକଡ଼ ନାଟକ ଓ ନିରାକାର ଦେହୁରୀ ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଉତ୍ସବରେ ଜିଲ୍ଲା ପାଇଁ ନିୟୋଜିତ ନୋଡାଲ ଅଧିକାରୀ ଏନଟିପିସିର ଶ୍ରୀ ସୁଧାଂଶୁ ଶେଖର ପ୍ରଧାନ, ଟିପିଓଡବ୍ଲ୍ୟୁଡିଏଲ ର ଶ୍ରୀ ସତ୍ୟ ରଞ୍ଜନ ସାହୁ, ଓପିଟିସିଏଲର ଶ୍ରୀ ନିରଞ୍ଜନ ପଣ୍ଡା ତଥା ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁରର ଡେପୁଟି କଲେକ୍ଟର ପ୍ରୟାଶୀ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ବନମାଳି ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟୁତ ବିଭାଗର ବିଭିନ୍ନ ଅଧିକାରୀ,ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା,ସ୍ଥାନୀୟ ଜନ ପ୍ରତିନିଧି,ଏସଏଚଜି ସଦସ୍ୟା, ବିଦ୍ୟୁତ ହିତାଧିକାରୀ,ଉପଭୋକ୍ତା, ବୁଦ୍ଧିଜୀବୀ, ସାମ୍ବାଦିକ , ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ । ଶ୍ରୀ ପ୍ରଦ୍ୟୁମ୍ନ କୁମାର ସାହୁ ଅତିଥି ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲପାଳ ସୁବର୍ଣ୍ଣପୁରଙ୍କ ନିର୍ଦ୍ଦେଶରେ ଜିଲ୍ଲାପ୍ରଶାସନ ର ସମସ୍ତ ପ୍ରକାର ସହଯୋଗରେ ଉତ୍ସବର ସଫଳତା ପାଇଁ ଶ୍ରୀ ସତ୍ୟ ରଞ୍ଜନ ସାହୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଟିପିଓଡବ୍ଲ୍ୟୁଓଡିଏଲ, ଜିଲ୍ଲା ପ୍ରଶାସନ କୁ ଧନ୍ୟବାଦ ଦେବା ସହ ଉପସ୍ଥିତ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଗଷ୍ଟ ୧୫ ଓ ୧୬ରେ ସମ୍ବଲପୁରରେ ଜଗନ୍ନାଥ କଥା ଥିଏଟର

ସମ୍ବଲପୁର: ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ସ୍ଥାନୀୟ ସର୍କିଟ୍‌ହାଉସ୍ ନିକଟରେ ଥିବା ତପସ୍ୱିନୀ ହଲଠାରେ ଜଗନ୍ନାଥ କଥା ଥିଏଟର ସୋ' ଅନୁଷ୍ଠିତ ହେବ । ଏଥିରେ ମୁମ୍ବାଇର ଜଣାଶୁଣା ୧୫ ଜଣ ବଲିଉଡ୍ କଳାକାର ଭାଗ ନେବେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସଂଯୋଜିକା ରୂପେ ନିର୍ବାଚିତ କରାଯାଇଛି । କମିଟିରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମାନେ ରହିଛନ୍ତି ।

ଆଠ ବର୍ଷରେ କେନ୍ଦ୍ରର ନିଯୁକ୍ତି: ୨୨ କୋଟି ଆବେଦନ, ୭ ଲକ୍ଷଙ୍କୁ ଚାକିରୀ

ନୂଆଦିଲ୍ଲୀ, ଦେଶରେ ବେକାରୀ ହାର ବଢ଼ି ବଢ଼ି ଚାଲିଛି । ଏପରି ସମୟରେ ଦେଶରେ ବେକାରୀକୁ ନେଇ ଭୟାନକ ଚିତ୍ର ସମ୍ମୁଖକୁ ଆସିଛି । ଗତ ୮ ବର୍ଷରେ ସରକାରୀ ଚାକିରୀ ପାଇଁ ୨୨.୦୫ କୋଟି ଆବେଦନ କରାଯାଇଥିବା ବେଳେ ମାତ୍ର ୭.୨୨ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଛି । ଏଥରୁ ଦେଶରେ ବେକାରୀ ହାର କେତେ ଅଧିକ ତାହା ଜଣାପଡୁଛି । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ୨୦୧୪-୧୫ରୁ ୨୦୨୧-୨୨ (୮ବର୍ଷ) ମଧରେ ୨୨,୦୫,୯୯,୨୩୮ ଆଶାୟୀ କେନ୍ଦ୍ର ସରକାରରେ ଚାକିରୀ ପାଇଁ ଆବେଦନ କରିଥିଲେ । ଏମାନଙ୍କ ମଧରୁ ମାତ୍ର ୭, ୨୨,୩୧୧ଙ୍କୁ ସରକାରୀ ଚାକିରୀ ମିଳିଛି । ସୂଚନା ଅନୁଯାୟୀ ୨୦୨୧-୨୨ରେ ୧, ୮୬, ୭୧, ୧୨୧ ଆବେଦନ କରାଯାଇଥିବା ବେଳେ ମାତ୍ର ୩୮,୮୫୦ ଜଣ ଚାକିରୀ ପାଇଥିଲେ । ସେହିପରି ୨୦୨୦-୨୧ରେ ୧, ୮୦, ୦୧, ୪୬୯ ଆବେଦନ ଏବଂ ୭୮, ୫୫୫ ନିଯୁକ୍ତି, ୨୦୧୯-୨୦ରେ ୧, ୭୮, ୩୯, ୭୫୨ ଆବେଦନ ଏବଂ ୧, ୪୭, ୦୯୬ ନିଯୁକ୍ତି, ୨୦୧୮-୧୯ରେ ୫, ୦୯, ୩୬, ୪୭୯ ଆବେଦନ ଏବଂ ୩୮, ୧୦୦ ନିଯୁକ୍ତି, ୨୦୧୭ - ୧୮ରେ ୩, ୯୪, ୭୬, ୮୭୮ ଆବେଦନ ଏବଂ ୭୬, ୧୪୭ ନିଯୁକ୍ତି, ୨୦୧୬-୧୭ରେ ୨,୨୮,୯୯,୬୧୨ ଆବେଦନ ଏବଂ ୧,୦୧,୩୩୩ ନିଯୁକ୍ତି, ୨୦୧୫-୧୬ରେ ୨,୯୫,୫୧,୮୪୪ ଆବେଦନ ଏବଂ ୧,୧୧,୮୦୭ ନିଯୁକ୍ତି, ୨୦୧୪-୧୫ ରେ ୨,୩୨,୨୨,୦୮୩ ଆବେଦନ କରିଥିବା ବେଳେ ୧,୩୦,୪୨୩ ନିଯୁକ୍ତି ପାଇଥିଲେ ।

ସୋନପୁର ଟାଉନଥାନାରେ ରକ୍ତଦାନ ଶିବିର

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲାର ସୋନପୁରର ଟାଉନଥାନା ଠାରେ ଟାଉନଥାନା ଓ ଓଡିଶା ମୋ ପରିବାର ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଉଦ୍‌ଘାଟନ କରି ରକ୍ତ ଦାତା ତଥା ସହରର ବିଭିନ୍ନ ଅଗ୍ରଣୀ ସେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଏଥିରେ ଯୋଗ ଦେଇ ରକ୍ତଦାତା ତଥା ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ସୋନପୁର ଟାଉନ ଥାନା ପୋଲିସକୁ ରକ୍ତଦାନ କ୍ଷେତ୍ରରେ ସଫଳତା ହେତୁ ପ୍ରଶଂସା କରିଥିଲେ । ଏସଡିପିଓ ପୁଷ୍ପାଞ୍ଜଳି ନୀଙ୍ଗି, ଆରଟିଓ ରବିନ ପଟ୍ଟନାୟକ ମଧ ଏଥିରେ ଯୋଗ ଦେଇଥିଲେ । ପୋଲିସ ଆରଆଇ ପ୍ରଦ୍ୟୁମ୍ନ ପଟେଲ ଓ ଆଇଆଇସି କୃଷ୍ଣଚନ୍ଦ୍ର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଗା ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା । ଏଏସଆଇ ପୀୟୂଷ ନାଏକ, ଏସଆଇ ସୌମ୍ୟ ରଞ୍ଜନ ସାହୁ, ଏଏସଆଇ ଏକା ଦଶିଆ ପଧାନ, ଏଏସଆଇ ସୁଶୀଲ ବିଶି, ଏଏସଆଇ ଦିଲୀପ ସାହୁ, ଏଏସଆଇ ରଞ୍ଜିତ ମହାପାତ୍ର, ହାବିଲଦାର ସୁଧୀର ଷାଣ୍ଢ, କନଷ୍ଟେବଳ ସଂଘ ସଭାପତି କୁମୁଦ ରଂଜନ ମେହେର , ସମ୍ପାଦକ ସୁଧାଂଶୁ ଶେଖର ମେଣ୍ଡେଲି, ହାବିଲଦାର ମନୋଜ ପଣ୍ଡା, ହାବିଲଦାର ଦିନେଶ ମିଶ୍ର, ବଣ୍ଟି ଅଗ୍ରୱାଲା, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଓ ମନୋରଞ୍ଜନ ତ୍ରିପାଠୀ ତଥା ଟାଉନ ଥାନାର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ସବୁଠୁ ଆଗରେ

ଭୁବନେଶ୍ୱର: ରାଜ୍ୟରେ ଦାରିଦ୍ର୍ୟ ତଳେ ଥିବା ଦାରିଦ୍ର୍ୟ ସୀମାରେଖା ଲୋକଙ୍କ ସଂଖ୍ୟା ହ୍ରାସ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁ ରାଜ୍ୟଠାରୁ ଆଗରେ ରହିଛି । ବିଧାନସଭାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଭାଜପା ସଭ୍ୟ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି । ମନ୍ତ୍ରୀ କହିଛନ୍ତି ତେନ୍ଦୁଲକର କମିଟି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୨୦୦୪-୦୫ରେ ୨୨୧.୬୦ ଲକ୍ଷ ଅର୍ଥାତ୍ ୫୭.୨୦% ଲୋକ ଦାରିଦ୍ର୍ୟ ସୀମା ରେଖା ତଳେ ଥିଲେ । ୨୦୧୧–୧୨ରେ ଏହା ୩୨.୨୯%କୁ ହ୍ରାସ ପାଇଥିଲା । ଉକ୍ତ ଆକଳନ ଅନୁଯାୟୀ, ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୨୪.୬୧ ପ୍ରତିଶତ ହ୍ରାସ ପାଇଥିଲା, ଯାହାକି ଦେଶର ସମସ୍ତ ରାଜ୍ୟଠାରୁ ସର୍ବାଧିକ । ନୀତି ଆୟୋଗଙ୍କ ୨୦୨୧ ଦାରିଦ୍ର୍ୟ ମାପଦଣ୍ଡର ହେଡ୍ କାଉଣ୍ଟ ରେସିଓ ଅନୁଯାୟୀ ରାଜ୍ୟର ୨୯.୩୫ ପ୍ରତିଶତ ଲୋକ ବହୁମୁଖୀ ଭାବେ ଦାରିଦ୍ର୍ୟ ବୋଲି ଜଣାପଡ଼ିଛି । ଦାରିଦ୍ର୍ୟ ହ୍ରାସ କରିବାକୁ ନୀତି ଆୟୋଗର ପୋର୍ଟାଲ ଅନୁଯାୟୀ ଓଡ଼ିଶାରେ ୪୨୧୧ ଏନଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଜନଜାତି ବହୁଳ ଜିଲ୍ଲାଗୁଡ଼ିକର ଉନ୍ନତି ପାଇଁ ବିଜୁ କେବିକେ ଯୋଜନା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ଭିଭିଭୁମି ଉନ୍ନୟନ ପାଣ୍ଠି ଆଦି ବହୁ ସ୍କିମ୍ କାର୍ଯ୍ୟକାରୀ ଯୋଜନା ହେଉଛି ।

ବିଶ୍ୱାତ୍ମା ବିଦ୍ୟାମନ୍ଦିର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗୀର: ଡୁଙ୍ଗୁରିପାଲି ବିଶ୍ୱାତ୍ମା ବିଦ୍ୟାମନ୍ଦିର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ବିଶ୍ୱାତ୍ମା ଚେତନା ଟ୍ରଷ୍ଟର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, କୋଷାଧକ୍ଷ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀ, ବନପାଳ ଜୟକୃଷ୍ଣ ପଟ୍ଟନାୟକ, ବିଇଓ ଗଣେଶ କିଷାନ, ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ସଭାପତି ଗୋକୁଳ ଦଣ୍ଡସେନା, ଉପସଭାପତି ପ୍ରଫୁଲ୍ଲ ଦଣ୍ଡସେନା, ପ୍ରଧାନ ଆଚାର୍ଯ୍ୟ ପୁଷ୍ପାଞ୍ଜଳୀ ଦଣ୍ଡସେନା, ସଂଯୋଜକ ରାଜୀବ ଲୋଚନ ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଭାଗବତ

ଭିକ୍ଷୁ-ଗୀତା

ପରଲୋକ ପାଇଁ ମନୁଷ୍ୟଙ୍କର ଏକମାତ୍ର ପୁଞ୍ଜି ହେଉଛି ଧର୍ମ । ସଂସାର ବିଷୟରେ ଯେଉଁମାନେ ଭୟଭୀତ ସେମାନଙ୍କ ପାଇଁ ସନ୍ଥଜନ ହେଉଛନ୍ତି ପରମ ଆଶ୍ରୟ । ସନ୍ଥଜନ ତାଙ୍କୁ ଆଶ୍ରୟ କରିଥିବା ପୁରୁଷଙ୍କୁ ଭଗବାନଙ୍କୁ ଦର୍ଶନ କରିବା ନିମନ୍ତେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାନ୍ତି । ସନ୍ଥ ହେଉଛନ୍ତି ଆଶ୍ରିତଙ୍କର ହିତୈଷୀ ସୁହୃଦ- ପ୍ରିୟତମ ଆତ୍ମା ।

ଭଗବାନ ଉଦ୍ଧବଙ୍କୁ କହିଛନ୍ତି, 'ମୁଁ ହିଁ ସନ୍ଥ ରୂପରେ ବିଦ୍ୟମାନ ହୋଇଥାଏ ।

ଦେବତା ବାନ୍ଧବାଃ ସନ୍ଥଃ ସନ୍ଥଃ ଆତ୍ମାହମେବ ଚ ।।

ଭଗବାନ ଐଳଗୀତାର ବର୍ଣ୍ଣନା କରି ଦେହର ଚର୍ଚ୍ଚା କରିଛନ୍ତି । ଏହି ଶରୀର ହାଡ଼, ମାଂସ, ଚର୍ମ, ରକ୍ତ, ପୂଜଯୁକ୍ତ ହୋଇଥିବାରୁ ଦୁର୍ଗନ୍ଧଯୁକ୍ତ । ଏହି ଦେହ ବିଷୟରେ ଆସକ୍ତ ପୁରୁଷ ପଶୁ ତଥା କୀଟଠାରୁ ବି ହୀନ ହୋଇଥାଏ ।

ପରିଶେଷରେ ଉଦ୍ଧବ ଭଗବାନଙ୍କୁ କହିଲେ, 'ପ୍ରଭୁ ! ଆପଣ ଯୋଗ, ଜ୍ଞାନ ଓ ଭକ୍ତି ଆଦି ମାର୍ଗର ମହାନ୍ ଉପଦେଶ ଦେଲେ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ମନକୁ ବଶୀଭୂତ କରି ରଖିପାରେ ତାହାର କେବଳ ଯୋଗମାର୍ଗ ସିଦ୍ଧ ହୁଏ । ହେଲେ ଏହି ମନକୁ ବଶୀଭୂତ କରିବା ଅତ୍ୟନ୍ତ କଠିନ କଥା । ବାୟୋରିବ ସୁଦୁଷ୍କରମ ।। ଅର୍ଜୁନ ଏହିପରି କଥା ଭଗବାନଙ୍କୁ କୁରୁକ୍ଷେତ୍ରରେ କହିଥିଲେ-

ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଲବଦ୍ଦୃଢ଼ମ ।

ତସ୍ୟାହଂ ନିଗ୍ରହଂ ମନୋ ବାୟୋରିବ ସୁଦୁଷ୍କରମ ।। (ଗୀତା : ୬/୩୪)

ସେତେବେଳେ ଭଗବାନ୍ ତାଙ୍କୁ ଉତ୍ତର ଦେଇ କହିଥିଲେ-

''ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ?'

ଧୀରେ ଧୀରେ ବୈରାଗ୍ୟର ଅଭ୍ୟାସ ବଢ଼ାଇବା ପାଇଁ ସେତେବେଳେ ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ ।

ଏଠାରେ ଉଦ୍ଧବ ଭଗବାନଙ୍କୁ କହିଛନ୍ତି, ପ୍ରଭୁ ! ମନକୁ ଅଧୀନରେ ରଖିବା ବଡ଼ ଦୁଷ୍କର ବ୍ୟାପାର । ଯେଉଁମାନେ ମନକୁ ଶୀଘ୍ର ବଶୀଭୂତ କରି ନ ପାରନ୍ତି, ସେପରି ବ୍ୟକ୍ତି କିପରି ସିଦ୍ଧି ପାଇପାରିବ ସେ କଥା କୁହନ୍ତୁ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯାହା କହିଥିଲେ ଉଦ୍ଧବଙ୍କୁ ମଧ ସେୟା କହିଲେ, 'ବୈରାଗ୍ୟର ଅଭ୍ୟାସ ମାଧମରେ ମନକୁ ବଶୀଭୂତ କରାଯାଏ । କିନ୍ତୁ ସବୁଠାରୁ ସରଳମାର୍ଗ ହେଉଛି ମୋର ଅବ୍ୟଭିଚାରୀ ଭକ୍ତି ।।



ଭକ୍ତଜନ ଅନାୟାସରେ ଜ୍ଞାନୀ, ବୁଦ୍ଧିମାନ, ବିବେକୀ ଓ ଚତୁର ହୋଇଯାଆନ୍ତି ଓ ମୋତେ ପାଇଯାଆନ୍ତି । ଏହି ସରଳତମ ଭକ୍ତିମାର୍ଗର ଯେତେ ପ୍ରଶଂସା କଲେ ବି ତାହା କମ୍ ହୋଇଥାଏ ।

ଭକ୍ତି ହେଉଛି ସ୍ୱତନ୍ତ୍ର । କୌଣସି ପ୍ରକାର କ୍ରିୟାକାଣ୍ଡ ଆଶ୍ରୟ ଏହାକୁ ନେବାକୁ ପଡ଼େ ନାହିଁ । ସେ ସମସ୍ତଙ୍କୁ ନିଜର ଅଧୀନ କରିଦିଏ । ଜ୍ଞାନୀ ଓ କର୍ମଯୋଗୀଙ୍କର ବି ଏହି ଭକ୍ତି ଉପାସନାର ଆବଶ୍ୟକତା ଅଛି । ସେ ଦୁହିଁଙ୍କର ସହିତ ଭକ୍ତି ମିଶ୍ରଣ ହୋଇ ପାରିଲେ ତାହା ମୁକ୍ତିଦାୟୀ ହୋଇଥାଏ । 'ହେ ଉଦ୍ଧବ ! ମନୁଷ୍ୟ ଯେତେବେଳେ ତା'ର ସମସ୍ତ କର୍ମକୁ ତ୍ୟାଗକରି ନିଜ ଆତ୍ମାକୁ ମୋତେ ସମର୍ପଣ କରିଦିଏ, ସେତେବେଳେ ତାକୁ ସର୍ବୋତ୍କୃଷ୍ଟ କରିଦେବା ପାଇଁ ମୋର ଇଚ୍ଛା ହୁଏ । ସେତେବେଳେ ସେ ମୋ ସହିତ ତଦ୍ରୂପ ହେବା ନିମନ୍ତେ ଯୋଗ୍ୟ ହୋଇ ମୋକ୍ଷ ପାଇଯାଏ ।''

ଅନ୍ୟଙ୍କୁ ନିନ୍ଦା କରିବ ନାହିଁ । ଜଗତକୁ ସୁଧାରିବା ପାଇଁ ବ୍ୟର୍ଥ ଚିନ୍ତା ଓ ଉଦ୍ୟମ କରିବା ଉଚିତ ନୁହେଁ । ନିଜେ ନିଜକୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁଧାରୁଥିବା ଉଚିତ ।

ସମାଜକୁ ସ୍ୱୟଂ ପ୍ରଭୁ ଶ୍ରୀରାମ ବି ସୁଧାରି ପାରିନାହାନ୍ତି । ସେପରି ସ୍ଥଳରେ ସାଧାରଣ ମଣିଷ ଅବା କ'ଣ କରିପାରନ୍ତା ? କୃଷ୍ଣଙ୍କ ସମୟରେ ବି ଦୁର୍ଯ୍ୟୋଧନ, ଶିଶୁପାଳ ଆଦି ଥିଲେ । ସେତେବେଳେ ବି ଦୁଷ୍ଟ ମାନବଙ୍କର ଅସ୍ତିତ୍ୱ ଥିଲା ।

ଜଗତକୁ ପ୍ରସନ୍ନ କରିପାରିବା ଅତି କଷ୍ଟକର କଥା । କିନ୍ତୁ ପ୍ରଭୁଙ୍କୁ ପ୍ରସନ୍ନ କରିବା ଏହାଠାରୁ ସହଜ ହୋଇଥାଏ ।

ଭଗବାନ କହିଲେ, 'ହେ ଉଦ୍ଧବ ! ମୁଁ ତୁମର ଧନ କି ଐଶ୍ୱର୍ଯ୍ୟ ମାଗୁନାହିଁ । ତୁମର କେବଳ ମନ ମାଗୁଛି । ମନ ନେବା ପାଇଁ ମୁଁ ହିଁ ଏକମାତ୍ର ଯୋଗ୍ୟ । ତୁମ ମନକୁ ମୁଁ ଅତି ଯତ୍ନରେ ରକ୍ଷା କରିବି । ମୁଁ ସର୍ବବ୍ୟାପୀ । ତୁମେ କେବଳ ମୋର ଶରଣ ଗ୍ରହଣ କର ।

''ଉଦ୍ଧବ ! ମୁଁ ତୁମକୁ ସମଗ୍ର ବ୍ରହ୍ମଜ୍ଞାନ ପ୍ରଦାନ କରିଛି । ମୁଁ ଯାହାକୁ ବ୍ରହ୍ମଜ୍ଞାନ ଦିଏ ତାକୁ ମୋର ସର୍ବସ୍ୱ ଦେଇଦିଏ ।

''ଏବେ ତୁମର ମୋହ ଶୋକାଦି ଦୂର ହୋଇଗଲା ତ ?

ଉଦ୍ଧବ ଭଗବାନଙ୍କୁ ପ୍ରଣାମ କଲେ ଏବଂ କହିଲେ, ''ପ୍ରଭୁ ! ମୁଁ ଆଉ ଅଧିକ କିଛି ଶୁଣିବାକୁ ଚାହୁଁ ନାହିଁ । ଯେତିକି ଶୁଣିଛି ସେ ସମସ୍ତକୁ ମନନ କରିବାକୁ ଚାହୁଁଛି ।

ଶ୍ରୀକୃଷ୍ଣ ଭଗବାନ କହିଲେ, "ଉଦ୍ଧବ ! ଏବେ ତୁମେ ଅଳକାନନ୍ଦା ତଟବର୍ତ୍ତୀ ବଦରିକାଶ୍ରମକୁ ଯାଅ । ସେଠାରେ ଇନ୍ଦ୍ରିୟ ସଂଯମତା ପୂର୍ବକ ବ୍ରହ୍ମଜ୍ଞାନର ଚିନ୍ତନ କର । ମନକୁ ମୋଠାରେ ଦୃଢ଼ରୂପେ ସ୍ଥିର କର । ସେପରି କଲେ ତୁମେ ମୋତେ ପ୍ରାପ୍ତ ହୋଇଯିବ ।

ବଦ୍ରିକାଶ୍ରମ ହେଉଛି ଯୋଗଭୂମି । ସେଠାରେ ଶୀଘ୍ର ପ୍ରଭୁଙ୍କୁ ପାଇ ହୁଏ ।

ଏକ ଭିନ୍ନ ବ୍ୟକ୍ତିତ୍ୱ - ଅରବିନ୍ଦ ମହାପାତ୍ର

ସମ୍ବଲପୁର ବଜାରର ଏକ ଲୋକପ୍ରିୟ ଚରିତ୍ର, ଚଳ ଚଞ୍ଚଳ ଚେହେରା ଏବଂ ଖିପ୍ର ବେଗରେ ରାଜରାସ୍ତାରେ ପବନ ବେଗରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସମ୍ମାନସ୍ପଦ ବ୍ୟକ୍ତି ଶ୍ରୀ ଅରବିନ୍ଦ ମହାପାତ୍ର । ପରମ ପୂଜ୍ୟ, ଚିର ହରିତ ସର୍ବଦା ହସ ହସ ବ୍ୟକ୍ତି ଶ୍ରୀଯୁକ୍ତ ମହାପାତ୍ର, ସର୍ବଦା ସକାରାତ୍ମକ ଚିନ୍ତାଧାରା । ଗତିବିଧି କ୍ଷୀପ୍ର କିନ୍ତୁ ନମ୍ର, ଶୁଭ୍ରବସ୍ତ୍ର ପରିହିତା ୯୦ ବର୍ଷ ଯୁବକ ଶ୍ରୀଯୁକ୍ତ ମହାପାତ୍ର । ସରକାରୀ ବେସରକାରୀ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ମହାପାତ୍ରଙ୍କ ଉପସ୍ଥିତି ସମସ୍ତଙ୍କ କାମ୍ୟ । ତାଙ୍କର ଅନୁପସ୍ଥିତି ବେଶ ଜଣାପଡେ । ସମସ୍ୟାର ସମାଧାନର ସୂତ୍ର ପ୍ରଣୟନ କରିବାରେ ବେଶ ଧୂରୀଣ । ସେ ସ୍ପଷ୍ଟବାଦୀ କିନ୍ତୁ ବ୍ୟତିକ୍ରମ ହେଲା ସେ ମିଷ୍ଟଭାଷୀ । ପ୍ରଶ୍ନ ଉଠେ କାହିଁକି ସେ ଏତେ ପ୍ରିୟ । ରାଜନେତା, ସରକାରୀ ଅଧିକାରୀ, କର୍ମଚାରୀ ଛାତ୍ର ଶିକ୍ଷକ ଓ ବିଭିନ୍ନ ସଂଗଠନ ଦ୍ୱାରା ଆଦୃତ ଶ୍ରୀଯୁକ୍ତ ମହାପାତ୍ର । ମନରେ ଆଦୌ ଗର୍ବ ନାହିଁ । ଅହଂକାର ଶୂନ୍ୟ ମଣିଷ । ବୟସରେ ସାନ ବ୍ୟକ୍ତି ବିଶେଷଙ୍କୁ ସର୍ବଦା ପ୍ରୋତ୍ସାହନ ଯୋଗାଇଥିବା ବରିଷ୍ଠ ନାଗରିକଟି ସଭା ସମିତିରେ ଖାଲିଥିବା ସ୍ଥାନରେ ସ୍ୱତଃ ବସି ପଡ଼ନ୍ତି ସେ । କୌଣସି ସ୍ଥାନକୁ ଯିବା ଆସିବାରେ କାହାରି ଉପରେ ନିର୍ଭର କରନ୍ତି ନାହିଁ । ନିଜେ ନିଜେ ରାଜରାସ୍ତାରେ ପାଦରେ ଚାଲି ଚାଲି ପହଞ୍ଚି ଯାଆନ୍ତି ନିର୍ଦ୍ଧାରିତ ସମୟରେ । କେଉଁ ଉପାଦାନରେ ସେ ଗଢ଼ା ସମସ୍ତଙ୍କ ସହ ଉତ୍ତମ ବ୍ୟବହାର ହୃଦୟର ଗଭୀରତମ ପ୍ରଦେଶରୁ ତାଙ୍କ ଉଚ୍ଚାରଣ ଦ୍ୱାରା ଯେ କୌଣସି ବ୍ୟକ୍ତିଙ୍କୁ ନିଜର କରି ପାରନ୍ତି । ନକାରାତ୍ମକ ପ୍ରତ୍ୟୁତ୍ତରକୁ ସକାରାତ୍ମକ ବାକ୍ୟରେ ପ୍ରକାଶ କରି ପାରନ୍ତି । ମତାନ୍ତରକୁ କେବେ ମନାନ୍ତରରେ ରୂପାନ୍ତରିତ ହେବାକୁ ଦିଅନ୍ତି ନାହିଁ । ସେ ବୟସରେ ବଡ଼ ବା ଛୋଟ ସମସ୍ତଙ୍କୁ ମାର୍ଜିତ କରି

କୌଣସି କାର୍ଯ୍ୟକୁ ବଡ଼ ହେୟଜ୍ଞାନ କରନ୍ତି ନାହିଁ । କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ବାଣ୍ଟିବା ଓ କାର୍ଯ୍ୟକ୍ରମରେ ଉପସ୍ଥିତି ରହିବା ପାଇଁ ଅବଦାନ ସବୁ କାର୍ଯ୍ୟରେ ସେ ଆନନ୍ଦିତ । କୌଣସି ପଦକ୍ଷେପ ପାଇଁ ଲାଳାୟିତ ହୁଅନ୍ତି ନାହିଁ । ପ୍ରତ୍ୟେକଟା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଉଚ୍ଚ ଆଚରଣ ଉଚ୍ଚ ବିଚାର ଓ ନମ୍ର ବ୍ୟବହାର କରୁଥିବା ହୃଦୟର ବ୍ୟକ୍ତି ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ର ୧ ୯ - ୩୨ ଦିନ ସମ୍ବଲପୁର ମାଟିରେ ଭୂମିଷ୍ଠ ହୋଇଥିଲେ । ଶିକ୍ଷାଗତ ଯୋଗ୍ୟତା ହେଲା ଶିକ୍ଷାରେ ସ୍ନାତକୋତ୍ତର । ଶିକ୍ଷକତା ଆରମ୍ଭ କରିବା ସମୟରେ ଯେ କୌଣସି ବିଷୟରେ ମାଧମିକ ବିଦ୍ୟାଳୟରେ ଶିକ୍ଷାଦାନ ଦେଇଯାନ୍ତି । ଅତିରିକ୍ତ ବିଷୟ ଗଣିତ ଥିବାରୁ ଗଣିତ ଶିକ୍ଷାଦାନ ଆକୃଷ୍ଟ ହୋଇଥିଲେ । କିନ୍ତୁ ତାଙ୍କର ଚିନ୍ତାଧାରା ... ପ୍ରତି ବେଶ ସତର୍କ ଥିଲେ । କ୍ରମେ କ୍ରମେ ଅନ୍ୟ ବିଶେଷ ଜ୍ଞାନ ଆହରଣ କଲେ ଓ ଏକାଧିକ ଘୋଷିତ ଡିଗ୍ରୀ ହାସଲ କଲେ । କୌଣସି ବିଦ୍ୟାଳୟ

ତାଙ୍କୁ ଭାଷାରେ ଡିଗ୍ରୀ ପ୍ରଦାନ କରି ନାହାନ୍ତି । କିନ୍ତୁ ତାଙ୍କର ଧୂରପଣତା ଭାଷାରେ ଯେ କୌଣସି ବ୍ୟକ୍ତି ସ୍ୱୀକାର କରିବ । ଶିକ୍ଷକ ଶିକ୍ଷୟିତ୍ରୀ ପାଇଁ ସେ ଆଦର୍ଶ । ନିର୍ଦ୍ଦିଷ୍ଟ ବିଦ୍ୟାଳୟ ଶିକ୍ଷାଦାନ ସମ୍ବନ୍ଧରେ କୌଣସି ଶ୍ରେଣୀ, ଶିକ୍ଷକ ବିହୀନ ହେବ ନାହିଁ ।



ଅରବିନ୍ଦ ମହାପାତ୍ର

ଶିକ୍ଷକ ଜୀବନରେ ନୂଆ ମୋଡ଼ ନେଲା । ଯେତେବେଳେ ସୁନ୍ଦରଗଡ଼ କୁଣ୍ଡକେଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଯୋଗଦାନ କରିଥିଲେ । ବର୍ଷେ ବା ଦୁଇବର୍ଷ ନୁହେଁ ଦୀର୍ଘ ୨୧ ବର୍ଷ ଧରି କ୍ରମାଗତ ଭାବେ ଶିକ୍ଷକ ପ୍ରଶିକ୍ଷକ ରୂପେ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ ଓ ପଶ୍ଚିମ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟମାନଙ୍କ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରସ୍ତୁତିରେ ଉତ୍ସର୍ଗୀକୃତ ଉଦ୍ୟମ ଓ ଅବଦାନ ତାଙ୍କୁ ଶିକ୍ଷକମାନଙ୍କର ଉତ୍ତମ ଗୁରୁ ପ୍ରଦରେ ଅବିହିତ କଲା । ପଶ୍ଚିମ ଓଡ଼ିଶାର ସର୍ବ ପୁରାତନ ଶିକ୍ଷା ପ୍ରତିଷ୍ଠାନର ମୁଖ୍ୟ ଶିକ୍ଷକମାନଙ୍କ ଆଦର୍ଶ ଓ ପଥ ପ୍ରଦର୍ଶକ ଥିଲେ । ହେ ମହାନ୍ ଗୁରୁମାନଙ୍କର ଗୁରୁ ଆମ ଭକ୍ତିପୂତ ପ୍ରଣାମ । କୁଣ୍ଡୁକେଲା ମାଧମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଏକ ଆଦର୍ଶ ଶିକ୍ଷକ ତାଲିମ ତାଙ୍କର ଆଉ ଏକ ଦିଗ୍ ହେଲା । ଶିକ୍ଷା ପ୍ରଶାସନ ତାଙ୍କର ଅଭିଜ୍ଞତା ଓ ବରିଷ୍ଠତା ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ଶିକ୍ଷାମଣ୍ଡଳାଧୀଶ ରୂପେ ଅବସ୍ଥାପିତ କଲା । ସ୍ୱତନ୍ତ୍ର ଜିଲ୍ଲାର ଶିକ୍ଷାମଣ୍ଡଳାଧୀଶ ରୂପେ ଦକ୍ଷତାର ସହ କାର୍ଯ୍ୟକରୁଥିଲେ । ସ୍ୱଚ୍ଛତା ଓ ସାଧୁତା ତାଙ୍କୁ ଏକ ଭିନ୍ନ ପ୍ରମାଣରୁ ଏକ ଆଦର୍ଶ ପ୍ରଶାସକ ରୂପେ ମାନ୍ୟତା ଦେଲା । ଏ ସବୁ ସତ୍ତ୍ୱେ ଶିକ୍ଷକ ପ୍ରଶିକ୍ଷକ ରୂପେ ତାଙ୍କର କାର୍ଯ୍ୟ ପ୍ରଶାସକ ଓ ଆଦର୍ଶ ଶିକ୍ଷକ ଶେଷରେ ସମ୍ବଲପୁର ଜିଲ୍ଲା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଥମ ଅଧକ୍ଷ ରୂପେ ସମ୍ବଲପୁର ଶିକ୍ଷା ପ୍ରତିଷ୍ଠାନ ମୂଳଦୂଆ ସ୍ଥାପନ କଲେ । ସେ ଶିକ୍ଷକ । ଶକ୍ଷାଗତ କୌଣସି ମୌଳିକ କାର୍ଯ୍ୟ ନିଜକୁ ନିବୃତ୍ତ ରଖି ପାରିଲେ ନାହିଁ । ଅରବିନ୍ଦ ପୂର୍ବାବଳି ଶିକ୍ଷା ଅନୁଷ୍ଠାନର ପରିଚାଳନା ପରିଷଦର ସଭ୍ୟ ରୂପେ ମାନ୍ୟତା ପାଇଥିଲେ ମଧ ଶ୍ରେଣୀଗୃହ ପରିଚାଳନାରେ ନିଜକୁ ସମ୍ପୃକ୍ତ କଲେ ଓ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ଅକ୍ଳାନ୍ତ ଉଦ୍ୟମ ରତ ହେଲେ । ତାଙ୍କର ଆଦର୍ଶ ଶିକ୍ଷାଦାନ ଅନ୍ୟମାନଙ୍କ ଉଦାହରଣ ହେଲା । ବର୍ତ୍ତମାନ ୯୦ ବର୍ଷର ସକ୍ରିୟ ଶିକ୍ଷାକର୍ମୀ ଗୋ ନିବାସ କାର୍ଯ୍ୟକ୍ରମ, ମୋ ବହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଅଛନ୍ତି । ପ୍ରବନ୍ଧ ଲିଖନକୁ ସେ ବିଶେଷ ଗୁରୁତ୍ୱ ଆଜି

ସେ ବିଦ୍ୟାଳୟ ଓ ଗଣଶିକ୍ଷା ଶାଖାର ଆଦର୍ଶ ସମସ୍ତଙ୍କ ପଥ ପ୍ରଦର୍ଶକ ।

ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ମୁଖପାତ୍ର ସମ୍ପାଦକ ଦାୟିତ୍ୱ ବହନ କରନ୍ତି । ନିର୍ଦ୍ଧାରିତ ସମୟରେ ସମସ୍ତଙ୍କର ଉପସ୍ଥିତ ରହି ସକାରାତ୍ମକ ଆଲୋଚନା ନିଜକୁ ସମ୍ପୃକ୍ତ କରନ୍ତି । ତାଙ୍କର ଚିନ୍ତାଧାରା ଆଉ ଚିନ୍ତା କରିବା ଖୋରାକ ଯୋଗାଏ । ଅତୀତରେ ସମ୍ବଲପୁର ସହରକୁ ପଲିଥିନ ମୁକ୍ତ କରିବା ପାଇଁ ୨୦୦୫ ମସିହାରେ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ ରୂପେ ଅଧକ୍ଷ ଶ୍ରୀଯୁକ୍ତ ସେବକ ତ୍ରିପାଠୀ ମହାଶୟଙ୍କ କାର୍ଯ୍ୟ କରିଥିଲେ । ପରିବେଶର ସୁରକ୍ଷା ଓ ମହାନଦୀ ବଞ୍ଚାଅ ଅଭିଯାନରେ ସେ ଜଣେ ଆଗ ଧାଡ଼ିର କର୍ମୀ । ତାଙ୍କର ବହୁମୁଖୀ ପ୍ରତିଭା ଓ କାର୍ଯ୍ୟର ଝଲକ ମାତ୍ର । ତାଙ୍କର ବିଭିନ୍ନ ଦିଗ ପ୍ରବନ୍ଧରେ ସ୍ଥାନ ପାଇ ନାହିଁ । ହେ ପରମ ପୂଜ୍ୟ ମହାପାତ୍ର ସାର ପ୍ରଣାମ ।

ଉପସ୍ଥାପନା-
ଡକ୍ଟର ଗିରିଧାରୀ ହୋତା
ଶ୍ରୀରାମ ଲେନ୍, ଗୋପାଳମାଳ

ବଲିଉଡ଼ ୨୦୨୨ ପ୍ରଥମାର୍ଦ୍ଧ

ଡକ୍ଟର ପ୍ରଦୀପ ମହାପାତ୍ର
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମହାମାରୀରେ ପ୍ରାୟ ଦୁଇବର୍ଷ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରେକ୍ଷାଳୟ ପ୍ରଦର୍ଶନ ବନ୍ଦ ରହି ୨୦୨୨ ଆରମ୍ଭରୁ ଏକ ରକମ ସାଧାରଣ ଅବସ୍ଥାରେ ପହଞ୍ଚିବା ପରେ ପରବର୍ତ୍ତୀ ଛଅ ମାସର ବଲିଉଡ଼ ଚଳଚ୍ଚିତ୍ର ବ୍ୟବସାୟର ଗତିପ୍ରକୃତି ଭାରତୀୟ ଗଣମାଧ୍ୟମ ପରିସରରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ । ଜାନୁୟାରୀ ଓ ଫେବୃୟାରୀ ୨୦୨୨ରେ ଦେଶରେ 'କୋଭିଡ୍-୧୯'ର ତୃତୀୟ ତରଙ୍ଗ ଅନୁଭୂତ ହୋଇଥିଲେ ହେଁ ତିନିମାସ ଆଗରୁ ୨୦୨୧ ଦଶହରା-ଦୀପାବଳିଠାରୁ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରେକ୍ଷାଳୟ ପ୍ରଦର୍ଶନ ପର୍ଯ୍ୟାୟକ୍ରମେ କ୍ରମଶଃ ଚଳଚଞ୍ଚଳ ହୋଇ ସାରିଥିଲା । ଅତଏବ ୨୦୨୨ ଜାନୁୟାରୀରୁ ଜୁନ ମଧ୍ୟରେ ବଲିଉଡ଼ ଚଳଚ୍ଚିତ୍ର ଶିଳ୍ପ ଗତିଶୀଳ ହୋଇଥିବା ବିଚାର କରାଯାଇଥାଏ ।

ମହାମାରୀ-ପର ୨୦୨୨ ପ୍ରଥମାର୍ଦ୍ଧରେ ମୋଟ ୨୧ ଗୋଟି ଆଗଧାଡ଼ିର ବଲିଉଡ଼ ହିନ୍ଦୀ ଚଳଚ୍ଚିତ୍ର ପ୍ରେକ୍ଷାଳୟ ମୁକ୍ତିଲାଭ କରିଥିଲା । ଏଥିମଧ୍ୟରୁ ଛଅଗୋଟି ବକ୍ସ ଅଫିସରେ ସଫଳତା ହାସଲ କରିଥିବା ସ୍ଥଳେ ୧୫ଗୋଟି ବିଫଳ ହୋଇଥିବା ହିସାବ ମିଳେ । ଛଅ ମାସ ମଧ୍ୟରେ ମାର୍ଚ୍ଚ, ଏପ୍ରିଲ ଓ ଜୁନ ମାସରେ ପାଞ୍ଚଗୋଟି ଲେଖା ଚଳଚ୍ଚିତ୍ର ଏବଂ ଫେବୃୟାରୀରେ ଦୁଇ ତଥା ମେ'ରେ ଚାରିଗୋଟି ଚଳଚ୍ଚିତ୍ର ପ୍ରେକ୍ଷାଳୟ ରୂପେଲି ପରଦାରେ ପହଞ୍ଚିଥିଲା । ବକ୍ସ ଅଫିସ ସଫଳତା ପାଇଥିବା ଛଅଗୋଟି ଚଳଚ୍ଚିତ୍ର ମଧ୍ୟରେ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିଥିବା ଏସ.ଏସ.ରାଜମୌଳି ନିର୍ଦ୍ଦେଶିତ ଆରଆରଆର ବା 'ରୋର, ରାଇଜ, ରିଭୋଲ୍ଟ' ଦେଶ ବିଦେଶରେ ଚଳଚ୍ଚିତ୍ର ପ୍ରଦର୍ଶନରୁ ୧୨୦୦ କୋଟି ଟଙ୍କା ଆଦାୟ କରିଥିବା ଆକଳନ କରାଯାଏ । କୁହାଯାଏ ଯେ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସର୍ବାଧିକ ଅର୍ଥ ଉପାର୍ଜନରେ ଚଳଚ୍ଚିତ୍ରଟି ତୃତୀୟ ସ୍ଥାନ ଅଧିକାର କରେ । ବିବେକ ଅଗ୍ନିହୋତ୍ରୀ ନିର୍ଦ୍ଦେଶିତ 'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ରଟି ୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ସ୍ଥଳେ ୨୫୦ କୋଟି ଟଙ୍କା ଆଦାୟ କରିଥିଲା । ସେହିପରି ରହସ୍ୟ ଓ ହାସ୍ୟ ସମ୍ମିଳିତ କାହାଣୀ ଆଧାରିତ 'ଭୂଲଭୁଲେୟାଁ-୨'ର ନିର୍ମାଣ ଖର୍ଚ୍ଚ ୯୦ କୋଟି ଥିବା ସ୍ଥଳେ ବକ୍ସ ଅଫିସ ଆୟ ୨୬୦ କୋଟି ଛୁଇଁଥିଲା । ସଞ୍ଜୟଲୀଳା ବନସାଲ ନିର୍ଦ୍ଦେଶିତ 'ଗଙ୍ଗୁବାଈ କାଠିଆୱାଡି' ୨୦୦ କୋଟି ଏବଂ 'ମେଜର' ତଥା 'ଯୁଗ ଯୁଗ ଜିଓ' ମଧ୍ୟ ବକ୍ସ ଅଫିସ ହିଟ ହୋଇଥିଲା ।

ଫ୍ଲପ ହିନ୍ଦି ଚଳଚ୍ଚିତ୍ର ମଧ୍ୟରେ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିଥିବା ଅକ୍ଷୟ କୁମାର ଅଭିନୀତ 'ବଚ୍ଚନ ପାଣ୍ଡେ' ନିର୍ମାଣ ନିମନ୍ତେ ୧୮୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୭୦ କୋଟି ଆୟ ହୋଇଥିଲା । ଅକ୍ଷୟ କୁମାର ଅଭିନୀତ ଜୁନ ମାସରେ ମୁକ୍ତିଲାଭ କରିଥିବା 'ସମ୍ରାଟ ପୃଥ୍ୱୀରାଜ' ମଧ୍ୟ ଅନ୍ୟ ଏକ ଫ୍ଲପ । ଅମିତାଭ ବଚ୍ଚନ ଅଭିନୀତ 'ଝୁଣ୍ଡ', ଅଜୟ ଦେବଗନ ଓ ଅମିତାଭ ବଚ୍ଚନ ଅଭିନୀତ 'ରନୱେ ୩୪', କଙ୍ଗନା ରନାୱତ ଅଭିନୀତ 'ଧକ୍କଡ଼', ରାଜକୁମାର ରାଓ ଅଭିନୀତ 'ବଧାଇ ଦୋ' ଓ ସାହିଦ କପୁର ଅଭିନୀତ 'ଜର୍ସି' ଇତ୍ୟାଦି ୧୫ ଗୋଟି ବକ୍ସ ଅଫିସ ଫ୍ଲପ ତାଲିକାରେ ଅନ୍ତର୍ଭୁକ୍ତ । ପ୍ରଥମାର୍ଦ୍ଧରେ ମୁକ୍ତିଲାଭ କରିଥିବା ୨୧ ଗୋଟି ବଲିଉଡ଼ ଚଳଚ୍ଚିତ୍ର ମଧ୍ୟରେ 'ବଧାଇ ଦୋ'ରେ ସମଲିଙ୍ଗ ପ୍ରେମ କାହାଣୀ, 'ଗଙ୍ଗୁବାଈ କାଠିଆୱାଡ଼ି'ରେ ଦେହଜୀବୀ ସମସ୍ୟା, 'ଝୁଣ୍ଡ'ଓ 'ଜର୍ସି'ରେ କ୍ରୀଡ଼ା, 'ହୁରଜଙ୍ଗ'ରେ ୧୯୯୦ର ମଣ୍ଡଳ କମିଶନ ଆରକ୍ଷଣ ବିରୋଧି ଛାତ୍ର ଆନ୍ଦୋଳନ, 'ଭୂଲ ଭୁଲୟାଁ-୨'ରେ ରହସ୍ୟ, 'ଅନେକ'ରେ ଉତ୍ତର-ପୂର୍ବାଞ୍ଚଳ ଓ 'ଯୁଗ ଯୁଗ ଜିଓ'ରେ ପଞ୍ଜାବୀ ବିବାହ ସଂସ୍କୃତି ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର କାହାଣୀ ଗଢ଼ି ଉଠିଥିଲା । ଫ୍ଲପ ହୋଇଥିବା 'ସମ୍ରାଟ ପୃଥ୍ୱୀରାଜ' ଚଳଚ୍ଚିତ୍ର କାହାଣୀ ପ୍ରସ୍ତୁତ ନିମନ୍ତେ ୧୮ ବର୍ଷ ଧରି ଗବେଷଣା ହୋଇଥିବା ଦାବି କରାଯାଏ । 'ମେଜର' ମୁମ୍ବାଇଠାରେ ତାଜମହଲ ହୋଟେଲରେ ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କ ସହ ସଂଘର୍ଷ କରିଥିବା ମେଜର ସନ୍ଦୀପ ଉନ୍ନକ୍ରିଷ୍ଣନଙ୍କ ଜୀବନ କାହାଣୀ ଆଧାରିତ । ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ବଲିଉଡ଼ ପ୍ରମୁଖ ସ୍ଥାନ ଅଧିକାର କରିଥାଏ । ମହାମାରୀ-ପର ପରିବେଶରେ ଦେଶର ଦର୍ଶକଙ୍କ ରୁଚି ପରିବର୍ତ୍ତନ ବଲିଉଡ଼ ଚଳଚ୍ଚିତ୍ରକୁ ଗଭୀର ପ୍ରଭାବିତ କରିବା ଆଶା କରାଯାଏ । ଏକ ଉଲ୍ଲେଖଯୋଗ୍ୟ ଘଟଣାକ୍ରମରେ ୨୦୨୨ ପ୍ରଥମାର୍ଦ୍ଧରେ ପ୍ରେକ୍ଷାଳୟ ପ୍ରଦର୍ଶନରୁ ସର୍ବାଧିକ ଆୟ କରିଥିବା ପ୍ରଥମ ଦଶଗୋଟି ଚଳଚ୍ଚିତ୍ର ମଧ୍ୟରୁ ତିନିଗୋଟି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ପୁଷ୍ପା, ଆରଆରଆର ଓ କେଜିଏଫ – ୨ ଅର୍ଦ୍ଧେକ ରାଜସ୍ୱ ଦାବି କରିଥିବା ପ୍ରକାଶ । ଅନ୍ୟ ଏକ ହିସାବରୁ ଜଣାଯାଏ ଯେ ଅକ୍ଷୟ କୁମାର, ରଣବୀର ସିଂ, ଅଜୟ ଦେବଗନ, ବରୁଣ ଧାବନ, ସଇଫ ଅଲି ଖାଁ, ଜନ ଆବ୍ରାହାମ ଓ ସାହିଦ କପୁର ସାତଜଣ ଖ୍ୟାତନାମା ଚଳଚ୍ଚିତ୍ର ତାରକାଙ୍କ ଦ୍ୱାରା ଅଭିନୀତ ୧,୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୦ ଗୋଟି ବଲିଉଡ଼ ଚଳଚ୍ଚିତ୍ର ପ୍ରଯୋଜନା ଖର୍ଚ୍ଚରେ ମାତ୍ର ଏକ ତୃତୀୟାଂଶ ପ୍ରେକ୍ଷାଳୟ ପ୍ରଦର୍ଶନରୁ ଆଦାୟ କରିଥିଲା ।

ମହାମାରୀ-ପର ପରିବେଶରେ ବଲିଉଡ଼ ଚଳଚ୍ଚିତ୍ର ଶିଳ୍ପ ନିମନ୍ତେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ଓ ଓଭର-ଦି-ଟପ 'ଓଟିଟି' ପ୍ରଦର୍ଶନକେନ୍ଦ୍ରୀକ ରାଜସ୍ୱ ସଂପର୍କରେ ଟଣାଓଟରା ଲାଗି ରହିବା ସ୍ୱାଭାବିକ ।

ମହାମାରୀ ପୂର୍ବରୁ ତିନି ବର୍ଷ ଧରି ଭାରତରେ ଓଟିଟି ପ୍ରଦର୍ଶନ ବ୍ୟବସାୟ ଭିତ୍ତିଭୂମି ସୃଷ୍ଟି କରିସାରିଥିଲା । ତତ୍ ପରବର୍ତ୍ତୀ ମହାମାରୀ କାଳରେ ଦୀର୍ଘ ଦୁଇବର୍ଷ ଧରି ପ୍ରେକ୍ଷାଳୟଗୁଡ଼ିକ ବନ୍ଦ ରହିବା ଫଳରେ ଓଟିଟି ବ୍ୟବସାୟ ସଶକ୍ତ ହୋଇ ପାରିଥିଲା । ଜନସାଧାରଣ ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ରୂପାନ୍ତରିକରଣ ପରିବେଶକୁ ଲକ୍ଷ୍ୟ ପ୍ରଦାନ କରିଥିବା ସ୍ଥଳେ ମନୋରଞ୍ଜନ କ୍ଷେତ୍ରରେ ଓଟିଟି ପ୍ରମୁଖ ସ୍ଥାନ ଅଧିକାର କରିଥିଲା ।

ଏକ ହିସାବ ଅନୁଯାୟୀ ମହାମାରୀ-ପୂର୍ବ ଅବସ୍ଥାରେ ବଲିଉଡ଼ ଚଳଚ୍ଚିତ୍ର ପ୍ରେକ୍ଷାଳୟ ପ୍ରଦର୍ଶନରୁ ପ୍ରଯୋଜକମାନେ ୬୦ ରୁ ୭୦ ଏବଂ ଓଟିଟି ମଞ୍ଚ ପ୍ରଦର୍ଶନରୁ ୩୦ ରୁ ୪୦ ପ୍ରତିଶତ ଆଦାୟ କରୁଥିଲେ । ମହାମାରୀ-କାଳରେ ଓଟିଟି ମଞ୍ଚ ଆୟ ୫୦ ରୁ ୬୦ ପ୍ରତିଶତକୁ ବୃଦ୍ଧି ପ୍ରାପ୍ତ ହୋଇଥିଲା । ମହାମାରୀ-ପର ଅବସ୍ଥାରେ ଓଟିଟି ମଞ୍ଚ ଆୟ ପୁଣି ୩୦ ରୁ ୪୦ ପ୍ରତିଶତକୁ ହ୍ରାସ ନପାଇ ୫୦ ପ୍ରତିଶତରେ କିଛି କାଳ ସ୍ଥିର ରହିବା ଆଶା କରାଯାଏ । ଫଳତଃ, ପରିବର୍ତ୍ତିତ ପରିବେଶରେ ବଲିଉଡ଼ ଚଳଚ୍ଚିତ୍ର ପ୍ରଯୋଜକମାନେ ପ୍ରେକ୍ଷାଳୟ ଓ ଓଟିଟି ମଞ୍ଚ ପ୍ରଦର୍ଶନକୁ ସମାନଭାବେ ଗୁରୁତ୍ୱଦେବା ସୁସ୍ପଷ୍ଟ ।

ମଲଟିପ୍ଲେକ୍ସ ଏସୋସିଏସନ ଅଫ ଇଣ୍ଡିଆର ଅଧ୍ୟକ୍ଷ ଗଣମାଧ୍ୟମ ସହ ସାକ୍ଷାତକାର ଅବସରରେ ସୂଚିତ କରିଥିଲେ ଯେ ଭାରତରେ ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକରେ ୨୦୨୨ ପ୍ରଥମାର୍ଦ୍ଧରେ ଦର୍ଶକ ଉପସ୍ଥିତି ହାର ୨୬ ରୁ ୨୭ ପ୍ରତିଶତ ରହିଥିଲା । ନିଜର ପିଭିଆର ମଲଟିପ୍ଲେକ୍ସ ଶୃଙ୍ଖଳ 'ଚେନ'ରେ ୩୬ରୁ ୩୭ ପ୍ରତିଶତ ଯାଏଁ ଦର୍ଶକ ଉପସ୍ଥିତି ଗଣନା କରାଯାଇଥିବା ମଧ୍ୟ ଦର୍ଶାଇଥିଲେ । ବଲିଉଡ଼ର ଆଗଧାଡ଼ିର ଚଳଚ୍ଚିତ୍ରଗୁଡ଼ିକ ମୁକ୍ତିଲାଭ କରିବା ଚାରି ସପ୍ତାହପରେ ଓଟିଟି ମଞ୍ଚରେ ପ୍ରଦର୍ଶନ କରିବା ନିମନ୍ତେ ସତ୍ତ୍ୱ ପ୍ରଦାନ କରୁଥିବା ହେତୁ ପ୍ରେକ୍ଷାଳୟକୁ ଦର୍ଶକ ଆସିବା ପ୍ରଭାବିତ ହେଉଥିବା କୁହାଯାଇଥାଏ । ମହାମାରୀ-ପୂର୍ବ ଅବସ୍ଥାରେ ଆଠ ସପ୍ତାହପରେ ଓଟିଟି ମଞ୍ଚରେ ପ୍ରଦର୍ଶନ ବ୍ୟବସ୍ଥା ରହୁଥିଲା । ଅଗଷ୍ଟ ୨୦୨୨ରେ ପୁଣି ଆଠ ସପ୍ତାହ ଅବଧିକୁ ଫେରିଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ମହାମାରୀ-ପର ଅବସ୍ଥାରେ ଓଟିଟି ମଞ୍ଚ ବଲିଉଡ଼ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ପ୍ରେକ୍ଷାଳୟ ପ୍ରଦର୍ଶନରୁ ସମାନ ଆୟ ଆଶା କରାଯାଉଥିବା ହେତୁ ଉଭୟ ମଞ୍ଚରେ ଦର୍ଶକଙ୍କ ରୁଚି ପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ପଡ଼ିବ । ସାଧାରଣରେ ସାମାଜିକ ଓ ପ୍ରଣୟଧର୍ମୀ 'ରୋମାଣ୍ଟିକ' ଚଳଚ୍ଚିତ୍ର ଓଟିଟି ମଞ୍ଚରେ ଏବଂ ଚିତ୍ତାକର୍ଷକ ଦୃଶ୍ୟସଂବଳିତ ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକମାନେ ଦେଖିବାକୁ ପସନ୍ଦ କରିବା ଧାରା ୨୦୨୨ ପ୍ରଥମାର୍ଦ୍ଧରେ ଲକ୍ଷ୍ୟ କରାଯାଇଥିଲା । ଅନ୍ୟାନ୍ୟ ଉଲ୍ଲେଖନୀୟ ଘଟଣାକ୍ରମରେ ଆଗ ଧାଡ଼ିର ବଲିଉଡ଼ ଚଳଚ୍ଚିତ୍ର ଓଟିଟି ମଞ୍ଚରେ ପ୍ରଦର୍ଶନ ନିମନ୍ତେ ୮୦ରୁ ୯୦ କୋଟିରେ ବିକ୍ରୟ ହୋଇଥିବା, ପ୍ରାୟ ୧୦ରୁ ୩୦ ପ୍ରତିଶତ ଚଳଚ୍ଚିତ୍ର ନିର୍ମାଣ ଆରମ୍ଭ ପୂର୍ବରୁ ଓଟିଟି ମଞ୍ଚଗୁଡ଼ିକ ସତ୍ତ୍ୱ କିଣି ନେଉଥିବା ଏବଂ ପ୍ରେକ୍ଷାଳୟଗୁଡ଼ିକରେ ଟିକଟ ଦର ୧୫ରୁ ୨୦ ପ୍ରତିଶତ ବୃଦ୍ଧି ପାଇଥିବା ପ୍ରଧାନ । ଦେଶରେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ପ୍ରଦର୍ଶନ ଆୟ ମହାମାରୀ-ପୂର୍ବ ଅବସ୍ଥା ହିସାବ ମାସିକ ପନ୍ଦର ହଜାର କୋଟି ଟଙ୍କା ରାଜସ୍ୱରେ ପହଞ୍ଚିଯାଇଥିବା ପ୍ରକାଶ ।

ଦର୍ଶକୀୟ ରୁଚିରେ ଦ୍ରୁତ ପରିବର୍ତ୍ତନ କ୍ରମଶଃ ବଲିଉଡ଼ ଚଳଚ୍ଚିତ୍ରର ପାରମ୍ପରିକ ଚାକଚକ୍ୟକୁ ମଳିନ କରିବା ଆଶା କରାଯାଏ । ମାତ୍ର ୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଦି କାଶ୍ମୀର ଫାଇଲ୍ସ' ୨୫୦ କୋଟି, ମୁମ୍ବାଇର ବେଶ୍ୟାପଡ଼ା ଉପରେ ଆଧାରିତ ଏକ ରକମ କଳାତ୍ମକ ଚଳଚ୍ଚିତ୍ର 'ଗଙ୍ଗୁବାଈ କାଠିଆୱାଡି' ୨୦୦ କୋଟି ଏବଂ ୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଭୂଲଭୁଲୟାଁ-୨' ଭଳି ରହସ୍ୟ ଓ ହାସ୍ୟରସ ମୂଳକ ଚଳଚ୍ଚିତ୍ର ୨୬୦ କୋଟି ବକ୍ସ ଅଫିସରେ ଆଦାୟ କରିବା ଏକ ନୂତନ ସମୀକରଣର ସୂଚନା ଦେଇଥାଏ । ଜଣେ ବହୁଳ ଚର୍ଚ୍ଚିତ ଅଭିନେତ୍ରୀଙ୍କ ଅଭିନୀତ 'ଧକ୍କଡ଼' ୮୬ କୋଟି ଟଙ୍କା ବ୍ୟୟରେ ଖର୍ଚ୍ଚ ହୋଇ ମାତ୍ର ଚାରି କୋଟି ବକ୍ସ ଅଫିସରୁ ଆୟ କରିବା ଏବଂ ଚଳଚ୍ଚିତ୍ରର ପ୍ରେକ୍ଷାଳୟ ପ୍ରଦର୍ଶନର ଅଷ୍ଟମ ଦିବସରେ ସର୍ବଭାରତୀୟସ୍ତରରେ ମାତ୍ର କୋଡ଼ିଏ ଗୋଟି ଟିକଟ ବିକ୍ରୟରୁ ଚାରି ହଜାର ଟଙ୍କା ଆଦାୟ କରିଥିବା ଉଦାହରଣ ବିସ୍ମିତ କରିଥାଏ । ବଲିଉଡ଼ ୨୦୨୨ ପ୍ରଥମାର୍ଦ୍ଧ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ଏକ ନୂତନ ଅଧ୍ୟାୟର ପୂର୍ବସୂଚନା ଦେଇଥିବା ସୁସ୍ପଷ୍ଟ ।

ଆଜିର ଚିନ୍ତନ

ଭଲ ଭାବେ ବିଚାର ନ କରି କୌଣସି କାର୍ଯ୍ୟ କରିବ ନାହିଁ । ବିଚାର କରି ସାରିବା ପରେ ଉପଯୁକ୍ତ ମଣିଲେ, ସେ କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ କରିବ ନାହିଁ । କାର୍ଯ୍ୟ ଆରମ୍ଭ କରିବା ପରେ ମଝିରେ ବନ୍ଦ କରିବ ନାହିଁ । କାର୍ଯ୍ୟ ଶେଷ କରିବା ପର୍ଯ୍ୟନ୍ତ କର୍ମତତ୍ପର ରହିବ । ନୀଚଲୋକ ବା ନିମ୍ନଶ୍ରେଣୀର ଲୋକେ କାର୍ଯ୍ୟରେ ବିଘ୍ନ ଘଟିଯିବ ଭାବି କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ମଧ୍ୟମ ବର୍ଗର ଲୋକେ କାର୍ଯ୍ୟ ମଧ୍ୟରେ ବିଘ୍ନ ଘଟିଲେ ଓ କର୍ମ ଅଧାରୁ ଛାଡ଼ି ଦିଅନ୍ତି କିନ୍ତୁ ଉତ୍ତମ ବର୍ଗର ଲୋକେ ବାରମ୍ବାର ବିଘ୍ନର ସମ୍ମୁଖୀନ ହେଲେ ମଧ୍ୟ ଆରମ୍ଭ କରିଥିବା କାର୍ଯ୍ୟକୁ ମଝିରେ ବନ୍ଦ ନକରି ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାରେ ଲାଗି ରହନ୍ତି । ଏ ପରିପ୍ରେକ୍ଷୀରେ ଶାସ୍ତ୍ର ବଚନ ହେଉଛି 'ପ୍ରାରଭ୍ୟତେ ନ ଖଲୁ ବିଘ୍ନ ଭୟେନ ନୀଚୈଃ ପ୍ରାରଭ୍ୟ ବିଘ୍ନଭିହତା ବିରମନ୍ତି ମଧ୍ୟାଃ, ବିଘ୍ନୈଃ ପୁନଃ ପୁନରପି ପ୍ରତିହନ୍ୟମାନା ପ୍ରାରଭ୍ୟ ଉତ୍ତମ 'ଗୁଣା ନ ପରିତ୍ୟଜନ୍ତି'' । ଉତ୍ତମ ବର୍ଗର ଲୋକେ ବିଚାର ନ କରି କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ଥରେ କର୍ମାରମ୍ଭ କରିଦେଲେ ଶେଷ ନ କରିବା ପର୍ଯ୍ୟନ୍ତ କାର୍ଯ୍ୟରୁ ବିରତ ରହନ୍ତି ନାହିଁ । 'ଅସମୀକ୍ଷ୍ୟ ନ କର୍ତ୍ତବ୍ୟଂ କର୍ତ୍ତବ୍ୟଂ ସୁସମୀକ୍ଷିତମ୍ । ସଂସାରର ସବୁ ନାଟ ପେଟ ପାଇଁ, ପେଟ ପାଇଁ ମନୁଷ୍ୟ କ'ଣ ନା କ'ଣ କରିଚାଲେ । ଏ ପେଟକୁ ସନ୍ତୁଷ୍ଟ କରିବା ବଡ଼ କଷ୍ଟ । ଯେତେ ଦେଲେ ମଧ୍ୟ ପେଟ ସନ୍ତୁଷ୍ଟ ହୁଏ ନାହିଁ । ତେଣୁ କୁହାଯାଇଛି, ଅସ୍ୟ ପାପୋଦରସ୍ୟାର୍ଥେ କିମନାଟି ନ ନାଟକମ୍ । ସଂସାରର ଶ୍ରେଷ୍ଠ ଧର୍ମ ହେଉଛି ଅହିଂସା, ଜୀବହିଂସାଠାରୁ ବଡ ପାପ ଆଉକିଛି ନାହିଁ । ତେଣୁ କୁହାଯାଇଛି, 'ଅହିଂସା ପରମୋଧର୍ମଃ । ବିପଦରେ ଧୈର୍ଯ୍ୟ ଧରିବା ଉତ୍ତମ ଗୁଣ ସଂପନ୍ନ ବ୍ୟକ୍ତିମାନଙ୍କର ସ୍ୱଭାବ । ଧୈର୍ଯ୍ୟହରା ହେଲେ ବିପଦ ଆସିବା ପୂର୍ବରୁ ମନୁଷ୍ୟ ମରିଯାଇଥାଏ । ବିପଦକୁ ନ ଡ଼ରି ବିପଦ ଆସିଲେ ଉପଯୁକ୍ତ ପ୍ରତିକାର କରିବା ଉତ୍ତମ ବର୍ଗର ମନୁଷ୍ୟଙ୍କ କର୍ତ୍ତବ୍ୟ । ପ୍ରତ୍ୟେକ ବିପଦ ପାଇଁ ପ୍ରତିକାର ଅଛି । ''ଆଗତଂ ତୁ ଭୟଂ ବୀକ୍ଷ୍ୟ ପ୍ରତିକୁର୍ଯ୍ୟତ୍ ଯଥୋଚିତମ୍' । ପ୍ରତିକାର କଲେ ଆସିଥିବା ବିପଦ ଟଳିଯାଏ । ଛାନିଆ ହେଲେ ବିପଦ ମାଡ଼ି ଆସେ । ଗୁରୁଙ୍କର ଆଜ୍ଞା ପାଳନୀୟ, ଗୁରୁ ଆଜ୍ଞା ଦେଲେ ସେ କାର୍ଯ୍ୟ କରିବାକୁ ହେବ । ଗୁରୁ ଆଜ୍ଞା ପାଳନରେ ବିଚାର କରିବାର କିଛିନାହିଁ । ''ଆଜ୍ଞା ଗୁରୁଣା ହ୍ୟବିଚାରଣୀୟା'' । ସମସ୍ତ ଜୀବ ଶରୀର ମଧ୍ୟରେ ଆତ୍ମା ବିଦ୍ୟମାନ, ଶରୀର କ୍ଷଣିକ, ଆତ୍ମା ଚିରନ୍ତନ । 'ସକଳ ଘଟେ ନାରାୟଣ, ବସନ୍ତ ଅନାଦି କାରଣ' । ଆମେ ଆଉ ଜଣକୁ କଥାରେ ହେଉ ବା ଅପମାନ ହେଉ ବା ଆଘାତ ଦେଉ, ତେବେ ଆମେ ଭାବିବାକୁ ହେବ, ଯାହାଙ୍କୁ ଅତ୍ୟାଚାର କରୁ ତାଙ୍କ ଦେହରେ ଥିବା ଆତ୍ମା, ପରମାତ୍ମା ଆମ ପ୍ରତି ଅସନ୍ତୁଷ୍ଟ ହେବେ, ଆମର ଅନିଷ୍ଟ ଘଟିବ ହିଁ ଘଟିବ । ଆମକୁ ଯାହା ଭଲ ଲାଗୁନି, ଅନ୍ୟପ୍ରତି ଆମେ ତାହା କରିବା ଅନୁଚିତ । ଯେଉଁ ବ୍ୟବହାର ଆମେ ସହି ପାରୁନାହୁଁ, ସେହି ବ୍ୟବହାର ଅନ୍ୟକୁ କରିବା ଉଚିତ ନୁହେଁ । ଆମେ ସମସ୍ତଙ୍କ ପ୍ରତି ସହାନୁଭୂତିଶୀଳ ବିଶେଷକରି ସହାନୁଭୂତିଶୀଳ ହେବା ଆବଶ୍ୟକ । ତେଣୁ ଶାସ୍ତ୍ରବଚନ ହେଉଛି, 'ଆତ୍ମନଃ ପ୍ରତିକୂଳାନି ପରେଷାଂ ନ ସମାଚରେତ' ।

ସର୍ବଦୋଷ ନାଶ ନିମନ୍ତେ ରୂଦ୍ରାଭିଷେକ ବିଧି

ରୂଦ୍ରାଭିଷେକ ଅର୍ଥାତ୍ ରୂଦ୍ରଙ୍କର ଅଭିଷେକ କରିବା । ଅନ୍ୟ ଅର୍ଥରେ ଶିବଲିଙ୍ଗ ଉପରେ ରୂଦ୍ର ମନ୍ତ୍ର ଦ୍ୱାରା ଅଭିଷେକ କରିବା । ଯେମିତି କି ବେଦରେ ବର୍ଣ୍ଣିତ ଅଛି ଯେ ଶିବ ଆଉ ରୂଦ୍ର ପରସ୍ପର ଜଣେ ଅନ୍ୟ ଜଣକର ସମାନାର୍ଥକ ବୋଧକ ଅଟେ । ଶିବଙ୍କୁ ହିଁ ରୂଦ୍ର କୁହାଯାଏ । କାହିଁକି ନା 'ଦୂତ୍ରମ୍-ଦୁଃଖମ୍ ଦ୍ରାବୟତି ନାଶୟତୀତି ରୂଦ୍ରଃ' ଅର୍ଥାତ୍ ଭୋଳାଶଙ୍କର ସମସ୍ତ ଦୁଃଖକୁ ନାଶ କରିଦିଅନ୍ତି । ଆମର ଧର୍ମଗ୍ରନ୍ଥ ଅନୁସାରେ ଆମ ଦ୍ୱାରା କରାଯାଉଥିବା ପାପ ହିଁ ସମସ୍ତ ଦୁଃଖର କାରଣ ଅଟେ । ରୂଦ୍ରାଭିଷେକ କରିବା ଶିବ ଆରାଧନାର ସର୍ବଶ୍ରେଷ୍ଠ ସାଧନ ବୋଲି ମାନ୍ୟତା ରହିଛି । ରୂଦ୍ର ଶିବଙ୍କର ଏକ ସ୍ୱରୂପ ଅଟେ । ରୂଦ୍ରାଭିଷେକ ମନ୍ତ୍ରର ବର୍ଣ୍ଣନା ଋଗ୍‌ବେଦ, ଯଜୁର୍ବେଦ ଓ ସାମବେଦରେ ମଧ୍ୟ କରାଯାଇଛି । ଶାସ୍ତ୍ର ଓ ବେଦରେ ବର୍ଣ୍ଣିତ ଅଛି ଯେ ଶିବଙ୍କର ଅଭିଷେକ କରିବା ପରମ କଲ୍ୟାଣକାରୀ ଅଟେ ।

ରୂଦ୍ରଙ୍କର ପୂଜାର୍ଚ୍ଚନା ଏବଂ ରୂଦ୍ରାଭିଷେକ କରିବା ଦ୍ୱାରା ଆମ ଦ୍ୱାରା କୃତ ଜଘନ୍ୟ ପାତକ କର୍ମ ମଧ୍ୟ ଜଳି ଭସ୍ମ ହୋଇଯାଏ ଓ ସାଧକର ଶିବତ୍ୱ ଉଦୟ ହୋଇଥାଏ ତଥା ସେପରି ଭକ୍ତକୁ ଭଗବାନ ଶିବଙ୍କର ଶୁଭାଶୀର୍ବାଦ ପ୍ରାପ୍ତ ହୋଇ ତା'ର ସମସ୍ତ ମନୋରଥ ପୂର୍ଣ୍ଣ ହୋଇଥାଏ । କୁହାଯାଏ ଯେ ଏକମାତ୍ର ସଦାଶିବ ରୂଦ୍ରଙ୍କର ପୂଜନରୁ ସମସ୍ତ ଦେବତାଗଣଙ୍କର ପୂଜା ସ୍ୱତଃ ହୋଇଯାଏ ।

ରୂଦ୍ରହୃଦୟୋପନିଷଦରେ ଶିବଙ୍କ ବିଷୟରେ କୁହାଯାଇଛି ଯେ - 'ସର୍ୱଦେୱାତ୍ମକୋ ରୂଦ୍ରଃ ସର୍ୱେ ଦେୱାଃ ଶିୱାତ୍ମକାଃ'; ଅର୍ଥାତ୍ ସମସ୍ତ ଦେବତାମାନଙ୍କର ଆତ୍ମାରେ ରୂଦ୍ର ଉପସ୍ଥିତ ଅଛନ୍ତି ଓ ସମସ୍ତ ଦେବତା ରୂଦ୍ରଙ୍କର ଆତ୍ମା ଅଟନ୍ତି ।

ଏମତିରେ ତ ରୂଦ୍ରାଭିଷେକ ଯେକୌଣସି ଦିବସରେ କରାଯାଇ ପାରିବ । ମାତ୍ର ତ୍ରୟୋଦଶୀ ତିଥି, ପ୍ରଦୋଷ କାଳ ଆଉ ସୋମବାର ଦିନ ରୂଦ୍ରାଭିଷେକ ସମ୍ପାଦିତ କଲେ ଏହା ପରମ କଲ୍ୟାଣକାରୀ ସାବ୍ୟସ୍ତ ହୋଇଥାଏ । ଶ୍ରାବଣ ମାସରେ ଯେ କୌଣସି ଦିନ କରାଯାଉଥିବା ରୂଦ୍ରାଭିଷେକ ଅଦ୍ଭୁତ ଏବଂ ତତ୍କାଳ ଫଳ ପ୍ରଦାନକାରୀ ହୋଇଥାଏ ।

ରୂଦ୍ରାଭିଷେକ କ'ଣ ଅଟେ ?

ଅଭିଷେକ ଶବ୍ଦର ଶାବ୍ଦିକ ଅର୍ଥ - ସ୍ନାନ କରିବା ଅଥବା କରାଇବା । ରୂଦ୍ରାଭିଷେକର ଅର୍ଥ ଏଇୟା ଯେ ଭଗବାନ ରୂଦ୍ରଙ୍କର ଅଭିଷେକ ଅର୍ଥାତ୍ ଶିବଲିଙ୍ଗରେ ରୂଦ୍ରଙ୍କର ମନ୍ତ୍ର ଦ୍ୱାରା ଅଭିଷେକ କରିବା । ଏହି ପବିତ୍ର ସ୍ନାନ ରୂଦ୍ରରୂପୀ ଶିବଙ୍କୁ କରାଯାଇଥାଏ । ବର୍ତ୍ତମାନ ସମୟରେ ଅଭିଷେକ ରୂଦ୍ରାଭିଷେକ ରୂପରେ ହିଁ ବିଖ୍ୟାତ ଅଟେ । ଅଭିଷେକର ଅନେକ ରୂପ ତଥା ପ୍ରକାର ହୋଇଥାଏ । ଶିବଙ୍କୁ ପ୍ରସନ୍ନ କରିବାର ସବୁଠାରୁ ଶ୍ରେଷ୍ଠ ସାଧନ ରୂଦ୍ରାଭିଷେକ ହୋଇଥିବା ବେଳେ ଏହାକୁ ଶ୍ରେଷ୍ଠ ବ୍ରାହ୍ମଣ ବିଦ୍ୱାନମାନଙ୍କ ଦ୍ୱାରା ସମ୍ପାଦିତ କରାଇବା । ଏମିତିରେ ନିଜର ଜଟାରେ ଗଙ୍ଗାଙ୍କୁ ଧାରଣ କରିଥିବାରୁ ଭଗବାନ ଶିବଙ୍କୁ ଜଳଧାରାପ୍ରିୟ ବୋଲି ମାନ୍ୟତା ରହିଛି ।

ରୂଦ୍ରାଭିଷେକ କାହିଁକି କରାଯାଏ ?

ରୂଦ୍ରାଷ୍ଟାଧ୍ୟାୟୀ ଅନୁସାରେ ଶିବ ହିଁ ରୂଦ୍ର ଅଟନ୍ତି ଓ ରୂଦ୍ର ହିଁ ଶିବ ଅଟନ୍ତି । 'ରୂତମ୍-ଦୁଃଖମ୍, ଦ୍ରାୱୟତି-ନାଶୟତୀତିରୂଦ୍ରଃ'; ଅର୍ଥାତ୍ ରୂଦ୍ର ରୂପରେ ପ୍ରତିଷ୍ଠିତ ଶିବ ଆମର ସମସ୍ତ ଦୁଃଖକୁ ଅବିଳମ୍ବେ ସମାପ୍ତ କରିଦିଅନ୍ତି । ବସ୍ତୁତଃ ଆମେ ଯେଉଁ ଦୁଃଖ ଭୋଗକରୁ ତାହାର କାରଣ ଆମେ ସ୍ୱୟଂ ଅଟୁଁ । ଆମର ଜ୍ଞାତ କିମ୍ବା ଅଜ୍ଞାତସାରରେ କରାଯାଉଥିବା ପ୍ରକୃତି ବିରୋଧୀ ଆଚରଣର ପରିଣାମ ସ୍ୱରୂପ ହିଁ ଆମେ ଦୁଃଖ ଭୋଗକରୁଁ ।

ରୂଦ୍ରାଭିଷେକର ସୂତ୍ରପାତ ହେଲା କିପରି ?

ପ୍ରଚଳିତ କଥା ଅନୁସାରେ ଭଗବାନ ବିଷ୍ଣୁଙ୍କର ନାଭିରୁ ଉତ୍ପନ୍ନ କମଳରୁ ବ୍ରହ୍ମାଙ୍କର ଉତ୍ପତ୍ତି ହେଲା । ବ୍ରହ୍ମା ଯେତେବେଳେ ନିଜର ଜନ୍ମର କାରଣ ଜାଣିବା ନିମନ୍ତେ ଭଗବାନ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ ସେତେବେଳେ ବିଷ୍ଣୁ ବ୍ରହ୍ମାଙ୍କୁ ତାଙ୍କର ଉତ୍ପତ୍ତିର ରହସ୍ୟ ବିଷୟରେ କହିଲେ ଏବଂ ଏହା ମଧ୍ୟ କହିଲେ ଯେ ମୁଁ ହିଁ ଆପଣଙ୍କର ଉତ୍ପତ୍ତିର କାରଣ । ମାତ୍ର ବ୍ରହ୍ମା ଏହା ମାନିବାକୁ ପ୍ରସ୍ତୁତ ନ ଥିଲେ । ପରିଣାମ ସ୍ୱରୂପ ଉଭୟଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ଏହି ଯୁଦ୍ଧରେ କୁପିତ ହୋଇ ଭଗବାନ ରୂଦ୍ର ଲିଙ୍ଗ ରୂପରେ ପ୍ରକଟ ହେଲେ । ଏହି ଲିଙ୍ଗର ଆଦି ଏବଂ ଅନ୍ତ ଯେତେବେଳେ ବ୍ରହ୍ମା ଆଉ ବିଷ୍ଣୁଙ୍କୁ ଅଗୋଚର ହେଲା ସେମାନେ ପରାଜୟ ସ୍ୱୀକାର କରି ଲିଙ୍ଗର ଅଭିଷେକ କଲେ, ଯାହା ଫଳରେ ଭଗବାନ ପ୍ରସନ୍ନ ହେଲେ । କୁହାଯାଏ ଯେ ଏହା ପରଠାରୁ ରୂଦ୍ରାଭିଷେକର ସୂତ୍ରପାତ ହେଲା ।

ଆଉ ଏକ କଥା ଅନୁସାରେ ଥରେ ଭଗବାନ ଶିବ ସପରିବାର ବୃଷଭ ପିଠିରେ ବିରାଜିତ ହୋଇ ବିହାର କରିବା ନିମନ୍ତେ ଯାଉଥାନ୍ତି । ସେହି ସମୟରେ ମାତା ପାର୍ବତୀ ମର୍ତ୍ତ୍ୟଲୋକରେ ରୂଦ୍ରାଭିଷେକ କର୍ମରେ ପ୍ରବୃତ୍ତ ଲୋକମାନଙ୍କୁ ଦେଖି ଭଗବାନ ଶିବଙ୍କୁ ଜିଜ୍ଞାସା କରି କହିଲେ, ହେ ନାଥ ! ମର୍ତ୍ତ୍ୟଲୋକରେ ଆପଣଙ୍କର ପୂଜା ଏପରି କାହିଁକି କରାଯାଏ ? ତଥା ଏହାର ଫଳ କ'ଣ ? ଭଗବାନ ଶିବ କହିଲେ, ହେ ପ୍ରିୟେ । ଯେଉଁ ମନୁଷ୍ୟ ନିଜର ମନୋକାମନା ଶୀଘ୍ର ପୂରଣ କରିବାକୁ ଚାହେଁ ସେ ଆଶୁତୋଷସ୍ୱରୂପ ମୋତେ ବିବିଧ ଦ୍ରବ୍ୟରେ ବିବିଧ ଫଳପ୍ରାପ୍ତି ହେତୁ ଅଭିଷେକ କରିଥାଏ । ଯେଉଁ ମନୁଷ୍ୟ ଶୁକ୍ଳୟଜୁର୍ବେଦୀୟ ରୂଦ୍ରାଷ୍ଟାଧ୍ୟାୟୀରେ ଅଭିଷେକ କରେ ମୁଁ ପ୍ରସନ୍ନ ହୋଇ ତାହାକୁ ଶୀଘ୍ର ମନୋବାଞ୍ଛିତ ଫଳ ପ୍ରଦାନ କରିଥାଏଁ । ଯେଉଁ ବ୍ୟକ୍ତି ଯେଉଁ କାମନାପୂର୍ତ୍ତି ନିମନ୍ତେ ରୂଦ୍ରାଭିଷେକ କରେ ସେ ସେହି ପ୍ରକାର ଦ୍ରବ୍ୟଗୁଡ଼ିକର ପ୍ରୟୋଗ କରିଥାଏ ଅର୍ଥାତ୍ ଯଦି କେହି ବାହନ ପ୍ରାପ୍ତ କରିବାର ଇଚ୍ଛାରେ ରୂଦ୍ରାଭିଷେକ କରେ ତେବେ ତାକୁ ଦହିରେ ଅଭିଷେକ କରିବାକୁ ହେବ । ଯଦ୍ୟପି କେହି ରୋଗ ଦୁଃଖରୁ ତ୍ରାହି ପାଇବା ପାଇଁ ଚାହେଁ ତେବେ ତାକୁ କୁଶ ଜଳରେ ଅଭିଷେକ କରିବାକୁ ହେବ ଅବା କରାଇବାକୁ ପଡ଼ିବ ।

ରୂଦ୍ରାଭିଷେକର ସମ୍ପୂର୍ଣ୍ଣ ବିଧି -

ରୂଦ୍ରାଭିଷେକ ପାଠ ଏବଂ ତାହାର ପ୍ରକାରଭେଦ -

କେବଳ ସମଗ୍ର ସଂସାର ନୁହେଁ ନର୍କରୁ ମୋକ୍ଷ ପର୍ଯ୍ୟନ୍ତ ଯେଉଁ ଅକ୍ଷରଙ୍କର ସୀମା ନାହିଁ ! ବ୍ରହ୍ମା ଆଦି ଦେବତା ମଧ୍ୟ ଯେଉଁ ଅକ୍ଷରଙ୍କର ସାର ପ୍ରାପ୍ତ ହୋଇପାରି ନାହାନ୍ତି, ସେହି ଆଦି ଅନାଦିଶୂନ୍ୟ ନିର୍ଗୁଣ ସ୍ୱରୂପ ଓଁର ସ୍ୱରୂପରେ ବିରାଜମାନ ଯେଉଁ ଅଦ୍ୱିତୀୟ ଶକ୍ତି ଭୂତଭାବନ, କାଳର ମଧ୍ୟ କାଳ ଗଙ୍ଗାଧର ଭଗବାନ ମହାଦେବଙ୍କୁ ପ୍ରଣାମ କରିଥାନ୍ତି ।

ମାତ୍ର ଶାସ୍ତ୍ର ଏବଂ ପୁରାଣମାନଙ୍କରେ ପୂଜନର ବିଭିନ୍ନ ପ୍ରକାର ବର୍ଣ୍ଣନା ସମ୍ପର୍କରେ କୁହାଯାଇଛି । ହେଲେ, ଆମେ ଯେବେ ଶିବଲିଙ୍ଗ ସ୍ୱରୂପ ମହାଦେବଙ୍କର ଅଭିଷେକ କରୁ ତେବେ ସେପରି ପୂଣ୍ୟ ଅଶ୍ୱମେଧ ଯେପରି ଯଜ୍ଞରୁ ମଧ୍ୟ ପ୍ରାପ୍ତ ହୋଇ ନ ଥାଏ ।

ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମା ମଧ୍ୟ କହିଛନ୍ତି ଯେ ଯେତେବେଳେ ଆମେ ଅଭିଷେକ କରୁ ସେତେବେଳେ ସ୍ୱୟଂ ମହାଦେବ ସାକ୍ଷାତ୍ ସେହି ଅଭିଷେକକୁ ଗ୍ରହଣ କରିଥାନ୍ତି । ସଂସାରରେ ଏମିତି କୌଣସି ବସ୍ତୁ, କୌଣସି ବୈଭବ, କୌଣସି ସୁଖ, ଏପରି କି କୌଣସି ବସ୍ତୁ କିମ୍ବା ପଦାର୍ଥ ନାହିଁ ଯାହା ଆମକୁ ଅଭିଷେକରୁ ପ୍ରାପ୍ତ ହୋଇ ପାରିବ ନାହିଁ । ଏମିତିରେ ତ ଅଭିଷେକ ଅନେକ ପ୍ରକାରର ବୋଲି ଅଭିହିତ କରାଯାଇଛି । ମାତ୍ର ମୁଖ୍ୟ ଅଭିଷେକ କେବଳ ପାଞ୍ଚ ପ୍ରକାରର ରହିଛି ।

(୧) ରୂପକ ଅଥବା ଷଡ଼ଙ୍ଗ ପାଠ - ରୂଦ୍ରଙ୍କର ଛଅଗୋଟି ଅଙ୍ଗ ବୋଲି କୁହାଯାଏ, ଏହି ଛଅଗୋଟି ଅଙ୍ଗର ଯଥାବିଧି ପାଠକୁ ଷଡ଼ଙ୍ଗ ପାଠ ବୋଲି କୁହାଯାଇଛି ।

ଶିବକଳ୍ପ ସୂକ୍ତ - ୧) ପ୍ରଥମ ହୃଦୟ ରୂପୀ ଅଙ୍ଗ ଅଟେ ।

ପୁରୁଷ ସୂକ୍ତ - ୨) ଦ୍ୱିତୀୟ ମସ୍ତକରୂପୀ ଅଙ୍ଗ ଅଟେ ।

ଅପ୍ରତିରଥ ସୂକ୍ତ - ୩) କବଚରୂପୀ ଚତୁର୍ଥ ଅଙ୍ଗ ଅଟେ ।

ମୈତ୍ସୁକ - ୪) ନେତ୍ର ରୂପ ପଞ୍ଚମ ଅଙ୍ଗ କୁହାଯାଇଛି ।

ଶତରୂଦ୍ରିୟ - ୫) ଅସ୍ତ୍ରରୂପ ଷଷ୍ଠ ଅଙ୍ଗ କୁହାଯାଇଛି ।

ଏହି ପ୍ରକାର ସମ୍ପୂର୍ଣ୍ଣ ରୂଦ୍ରାଷ୍ଟଧ୍ୟାୟୀର ଦଶ ଅଧ୍ୟାୟମାନଙ୍କୁ ଷଡ଼ଙ୍ଗ ରୂପକ ପାଠ କୁହାଯାଏ । ଷଡ଼ଙ୍ଗ ପାଠରେ ବିଶେଷ କଥା ଅଛି ଯେ ଏହାର ଅଷ୍ଟମ ଅଧ୍ୟାୟ ସହିତ ପଞ୍ଚମ ଅଧ୍ୟାୟର ଆବୃତ୍ତି କରାଯାଏ ନାହିଁ ।

(୨) ରୂଦ୍ରୀ ଅଥବା ଏକାଦିଶିନୀ - ରୂଦ୍ରାଧ୍ୟାୟ କରାଯାଇଥିବା ଏକାଦଶ ଆବୃତ୍ତିକୁ ରୁଦ୍ରୀ କିମ୍ବା ଏକାଦିଶିନୀ କହନ୍ତି । ରୂଦ୍ରମାନଙ୍କର ସଂଖ୍ୟା ୧୧ ହୋଇଥିବା କାରଣରୁ ଏକାଦଶ ଅନୁବାଦରେ ବିଭକ୍ତ କରାଯାଇଅଛି ।

(୩) ଲଘୁରୂଦ୍ର - ଏକାଦିଶିନୀ ରୂଦ୍ରଙ୍କର ଏକାଦଶ ଆବୃତ୍ତିମାନଙ୍କର ପାଠକୁ ଲଘୁରୂଦ୍ର ପାଠ କୁହାଯାଇଛି । ଏହି ଲଘୁରୂଦ୍ର ଅନୁଷ୍ଠାନ ଗୋଟିଏ ଦିନରେ ଏଗାର ବ୍ରାହ୍ମଣମାନଙ୍କୁ ବରଣ କରି ଏକତ୍ର ସମ୍ପନ୍ନ କରାଯାଇପାରେ ତଥା ଜଣେ ବ୍ରାହ୍ମଣ ଦ୍ୱାରା କିମ୍ବା ନିଜେ ଏଗାର ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏକାଦିଶିନୀ ପାଠ କରିବା ଦ୍ୱାରା ଲଘୁରୂଦ୍ର ସମ୍ପନ୍ନ ହୋଇଥାଏ ।

(୪) ମହାରୂଦ୍ର - ଲଘୁରୂଦ୍ରର ଏଗାର ଆବୃତ୍ତି ଅର୍ଥାତ୍ ଏକାଦିଶିନୀ ରୂଦ୍ରଙ୍କର ୧୨୧ ଆବୃତ୍ତି ପାଠ କଲେ ମହାରୂଦ୍ର ଅନୁଷ୍ଠାନ ହୋଇଥାଏ । ଏହି ପାଠ ଏଗାର ଜଣ ବ୍ରାହ୍ମଣ ଦ୍ୱାରା ୧୧ ଦିନ ପର୍ଯ୍ୟନ୍ତ କରାଯାଇଥାଏ ।

(୫) ଅତିରୂଦ୍ର - ମହାରୂଦ୍ରଙ୍କର ୧୧ ଆବୃତ୍ତି ଅର୍ଥାତ୍ ଏକାଦିଶିନୀ ରୂଦ୍ରୀଙ୍କର ୧୩୩୧ ଆବୃତ୍ତି ପାଠ କଲେ ଅତିରୂଦ୍ର ଅନୁଷ୍ଠାନ ସମ୍ପନ୍ନ ହୋଇଥାଏ ଯାହା; (୧) ଅନୁଷ୍ଠାତ୍ମକ (୨) ଅଭିଷେକାତ୍ମକ (୩) ହବନାତ୍ମକ - ଏଭଳି ତିନି ପ୍ରକାରରେ କରାଯାଇପାରେ । ଶାସ୍ତ୍ରମାନଙ୍କରେ ଏହି ଅନୁଷ୍ଠାନମାନଙ୍କର ଅତ୍ୟଧିକ ଫଳ ରହିଛି କିମ୍ବା ତିନୋଟି ଯାକର ଫଳ ସମାନ ବୋଲି ଉଲ୍ଲେଖ କରାଯାଇଛି ।

ପୂଜା ସମାପ୍ତି ପରେ ଅଭିଷେକର ନିୟମ ରହିଛି ଏବଂ ଏଥିପାଇଁ ଆବଶ୍ୟକ ସାମଗ୍ରୀ ଆଗରୁ ହିଁ ଏକତ୍ରୀତ କରିବାକୁ ହୋଇଥାଏ ।

ସାମଗ୍ରୀ - ଜଳ ରଖିବା ନିମନ୍ତେ ଗୋଟିଏ ବାଲ୍‌ଟି କିମ୍ବା ବଡ଼ ପାତ୍ର । ସମ୍ଭବ ହେଲେ ଗଙ୍ଗାଜଳରେ ଅଭିଷେକ କରନ୍ତୁ । ଶୃଙ୍ଗୀ (ଗାଈର ସିଂଘରେ ତିଆରି ଅଭିଷେକ ପାତ୍ର) ପିତ୍ତଳ ଏବଂ ଅନ୍ୟ ଧାତୁର ମଧ୍ୟ ବଜାରରେ ଉପଲବ୍ଧ ହୋଇଥାଏ ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

ଟିକିଏ ହସନ୍ତୁ

ଶିକ୍ଷକ : ପିଲା କୁହତ ଗୋଟିଏ ଟୋକେଇରେ ୧୦ଟି ଆମ୍ବ ଥିଲା, ଏଥିରୁ ୨ ଟି ଆମ୍ବ ସଢ଼ି ଗଲା ଆଉ କେତୋଟି ରହିଲା ?

ବବୁଲୁ : ସାର୍ ୧୦ ଟା ଆରମ୍ଭ ।

ଶିକ୍ଷକ : ଆରେ ବୋକା କେମିତି ୧୦ଟା ରହିବ ?

ବବୁଲୁ : ସାର ସଢ଼ିବା ପରେ ତ ତାହା ଆମ୍ବ ହିଁ ରହିବ, ତାହା କ'ଣ କଦଳୀ ହୋଇଯିବ ।

× × × ×

ନର୍ସରୀ ଶ୍ରେଣୀର ପରୀକ୍ଷା ଚାଲିଥାଏ, ରାଜୁ ପରୀକ୍ଷା ପେପର ଉପରେ ପରିସ୍ରା କରିଦେଲା ।

ଶିକ୍ଷକ : ଆରେ ରାଜୁ ଏ କ'ଣ କରୁଛୁ, ପରୀକ୍ଷା କପିରେ ସୁସୁ କରିଦେଲୁ ?

ରାଜୁ : ମମି କହିଥିଲା ନା, ଯାହା ଆଗେ ଆସିବ ତାହା କରିଦେବୁ । ମତେ ସୁସୁ ଆଗେ ଆସିଲା ସେଇଥି ପାଇଁ କରିଦେଲି ।

× × ×

ସ୍ତ୍ରୀ : ଏ କ'ଣ ଧଳା ଗୋଲାପ ଆଣିଛ ? ତୁମେ ଜାଣିନ ଭାଲେଣ୍ଟାଇନ୍ ଡେ'ରେ ଲାଲ୍ ଗୋଲାପ ଦିଅନ୍ତି ।

ସ୍ୱାମୀ : ମତେ ଲାଗୁଛି ଏବେ ଜୀବନରେ ପ୍ରେମଠାରୁ ବେଶି ଶାନ୍ତିର ଆବଶ୍ୟକତା ଅଛି ।

× × × ×

ପୁଅ : ମମି ଆମ ଘରକୁ ଡାର୍ଲିଂ ଆସୁଛନ୍ତି ।

ମମି : ସିଏ ତୋର ଆଣ୍ଟି ହେବେ ତାଙ୍କୁ ଡାର୍ଲିଂ କ'ଣ କହୁଛୁ ?

ପୁଅ : କାଲି ତ ବଜାରରେ ବାପା ତାଙ୍କୁ ଡାର୍ଲିଂ ଡାକୁଥିଲେ ।

× × × ×

ମହିଳା : ତାଙ୍କ ରୋଗକୁ ଜଲଦି ଠିକ୍ କରନ୍ତୁ । ସେ ରାତିରେ ଜୋରରେ ମୋ ନାଁ ଧରି ବାଉଳି ହେଉଛନ୍ତି ।

ଡକ୍ଟର : ଆପଣ ତ ନିଜକୁ ଭାଗ୍ୟବାନ ଭାବିବା କଥା ।

ମହିଳା : ନାହିଁ, କାଲି ତାଙ୍କର ସ୍ତ୍ରୀ ବାପଘରୁ ଫେରିବେ ।

ବର୍ଷ ୨୬, ସଂଖ୍ୟା- ୩୧, ୩୧ ଜୁଲାଇ - ୬ ଅଗଷ୍ଟ ୨୦୨୨

ମହାନଦୀର ମହତ୍ତ୍ୱ

ଏସିଆର ସବୁଠୁ ବଡ଼ ପ୍ରାକୃତିକ ହ୍ରଦ (ଚିଲିକା) ଓ କୃତ୍ରିମ ହ୍ରଦ (ହୀରାକୁଦ) ଓଡ଼ିଶାରେ । ଓଡ଼ିଶା ଏକ ନଦ, ନଦୀ, ହ୍ରଦ ଓ ସମୁଦ୍ର ପ୍ରଧାନ ରାଜ୍ୟ । ଏଠି କେବଳ ଛୋଟ ବଡ଼ ନଦୀର ସଂଖ୍ୟା ଛତିଶ । ବଡ଼ ଛ'ଟିର ନାମ ହେଲା- ମହାନଦୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ ଓ ରୁଷିକୁଲ୍ୟା । ଦେଶର ଶତକଡ଼ା ଚାରି ଭାଗ ଲୋକ ଓଡ଼ିଶାରେ ରହନ୍ତି କିନ୍ତୁ ଏଗାର ଭାଗ ବର୍ଷା ପାଣି ଓଡ଼ିଶା ମାଟିରେ ପଡ଼େ ଏବଂ ଏହି ପାଣିର ୯୮ ପ୍ରତିଶତ ସମୁଦ୍ରକୁ ବହିଯାଏ । ଗଙ୍ଗା, ଗୋଦାବରୀ, ସିନ୍ଧୁ, କାବେରୀ, ନର୍ମଦା ଭଳି ଦେଶରେ ଯେଉଁ ଦଶଟି ବଡ଼ ବଡ଼ ନଦୀ ଅଛନ୍ତି ସେଥିରୁ ଗୋଟିଏ ହେଲା ମହାନଦୀ । ଛତିଶଗଡ଼ ଓ ରାୟପୁର ବସ୍ତର ଶିହାୱା ପାର୍ବତ୍ୟାଞ୍ଚଳରୁ ଉଦ୍‌ଗତ ମହାନଦୀ ୮୫୮ କିଲୋମିଟର ଅତିକ୍ରମ କରି ପଡ଼ିଛି ବଙ୍ଗୋପସାଗରରେ । ଏକଦା ଯାହାର ନାମ ଥିଲା 'କଳିଙ୍ଗସାଗର' । ମହାନଦୀର ପ୍ରାୟ ପାଞ୍ଚଶହ କିଲୋମିଟର ଓଡ଼ିଶା ଦେଇ ବହିଯାଇଚି । ଏହାର ଜଳପ୍ରବାହ କ୍ଷେତ୍ର ବା ଯେଉଁସବୁ ଅଞ୍ଚଳରୁ ପାଣି ଗଡ଼ି ଆସି ଏଥିରେ ପଡ଼େ ତାହା ହେଲା ଏକ ଲକ୍ଷ ବତିଶ ହଜାର ବର୍ଗ କିଲୋମିଟର । ସିନ୍ଧୁ ଓ ଗାଙ୍ଗେୟ ଉପତ୍ୟକା ଭଳି ମହାନଦୀ ଉପତ୍ୟକାରେ ଗଢ଼ି ଉଠିଛି ଓଡ଼ିଶାର ସଭ୍ୟତା, ସମାଜ, ସଂସ୍କୃତି, ସହର, କୃଷି, ଶିଳ୍ପ ଓ ଅର୍ଥନୀତି । ଏହା 'ଲାଇଫ୍ ଲାଇନ୍' - ଜୀବନ ରେଖା । ଯେମିତି ୧୮୦୦ କିଲୋମିଟର ଦୀର୍ଘ ବ୍ରହ୍ମପୁତ୍ରକୁ କୁହାଯାଏ ସବୁ ନଦୀଙ୍କ ପିତା ଓ ଦେଶର ଏକମାତ୍ର ପୁରୁଷ ନଦୀ, ସେମିତି ମହାନଦୀ ହେଉଛି ଓଡ଼ିଶାର ମା'- ଯେମିତି ଉତ୍ତର ଓ ପୂର୍ବ ଭାରତର ମା' - ଗଙ୍ଗାମାତା । ଏବେ ଦୂଷିତ ଗଙ୍ଗାକୁ ସଫା କରିବାକୁ ଭାରତ ସରକାର ଆରମ୍ଭ କରିଛନ୍ତି- 'ନମାମି ଗଙ୍ଗେ' ଯୋଜନା ।

ଭାରତର ନଦନଦୀମାନଙ୍କ ବିଷୟରେ ପୁରାଣ, ଇତିହାସ, ଭୂଗୋଳ ଓ କଳ୍ପନା ମିଶ୍ରିତ ଅନେକ କଥା, କାହାଣୀ, କିଂବଦନ୍ତି, ଲୋକଶ୍ରୁତି ରହିଛି । ଏମାନଙ୍କ ମଧ୍ୟରୁ କେତେକ ଲୁପ୍ତ ହୋଇଗଲେଣି । ଯେପରିକି ଗଙ୍ଗା, ଯମୁନା, ସରସ୍ୱତୀ ତ୍ରିବେଣୀଙ୍କ ମଧ୍ୟରୁ ସରସ୍ୱତୀ ଆଉ ନାହାନ୍ତି । ସିନ୍ଧୁ ବା ଇଣ୍ଡସ୍, ଯେଉଁଥିରୁ ଭାରତକୁ ବିଦେଶୀମାନେ କହିଲେ ଇଣ୍ଡିଆ, ଏବେ ତା'ର ଅଧିକାଂଶ ଭାଗ ପାକିସ୍ଥାନରେ । ବ୍ରହ୍ମପୁତ୍ରର ଉଦ୍‌ଗମ ସ୍ଥଳ ଚାଇନା ଅଧିକୃତ ତିବ୍ବତରେ ଏବଂ ଦେଶର ମୁଖ୍ୟ ନଦୀମାନେ ତିନିଟି ଅଞ୍ଚଳରୁ ବାହାରିଛନ୍ତି । ଯଥା: ହିମାଳୟ ଓ କାରାକୋରମ୍ ପର୍ବତମାଳା, ସହ୍ୟାଦ୍ରି ବା ପଶ୍ଚିମଘାଟ ଏବଂ ବିନ୍ଧ୍ୟ ତଥା ସାତପୁରା ପର୍ବତମାଳା । ସମସ୍ତେ ମିଶି ଯାଇ ପଡ଼ିଛନ୍ତି ବଙ୍ଗୋପସାଗର କିମ୍ବା ଆରବ ସାଗରରେ ଆତ୍ମା ପରମାତ୍ମାରେ ଲୀନ ହେଲାଭଳି । ଭାରତୀୟ ପରମ୍ପରାରେ ଏହି ନଦୀମାନଙ୍କୁ ଦେବଦେବୀର ମର୍ଯ୍ୟାଦା ମିଳିଛି । ଏମାନଙ୍କ ମଧ୍ୟରୁ ଅନେକ ହେଲେ ତୀର୍ଥ କ୍ଷେତ୍ର ।

ମହାନଦୀ ସେ ମଧ୍ୟରୁ ଏକ ମୁଖ୍ୟ ନଦୀ । କିଂବଦନ୍ତି କହେ, ମହାନଦୀର ଉଭୟ କୂଳରେ ଅନେକ ମୁନି ଋଷି ଓ ସାଧୁସନ୍ଥ ଆଶ୍ରମ କରି ରହୁଥିଲେ । ଥରେ ପ୍ରୟାଗରେ କୁମ୍ଭମେଳାରେ ଯୋଗ ଦେବା ପାଇଁ ମହାନଦୀ ନିକଟସ୍ଥ ସାତପୁରା ଓ ଅମରକଣ୍ଟକ ଅଞ୍ଚଳର ଋଷି, ସାଧୁସନ୍ଥମାନେ ବାହାରିଲେ । ସେଠି ବହୁ ବର୍ଷ ଧରି 'ଶୃଙ୍ଗୀ' ଋଷି ଧ୍ୟାନ ଓ ତପସ୍ୟା କରୁଥାନ୍ତି । କୁମ୍ଭମେଳା ପାଇଁ ତାଙ୍କୁ ସାଙ୍ଗରେ ନେଇଯିବାକୁ ସାଧୁ ସନ୍ଥମାନେ ଶୃଙ୍ଗୀ ଆଶ୍ରମରେ ପହଞ୍ଚିଲେ । କିନ୍ତୁ ଶୃଙ୍ଗୀ ଧ୍ୟାନସ୍ଥ ଥିଲେ । ତାଙ୍କ ଧ୍ୟାନ ଭଙ୍ଗ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ କାହାର ଧୈର୍ଯ୍ୟ ନଥିଲା । ସମସ୍ତେ କୁମ୍ଭ ସ୍ନାନ ପାଇଁ ଚାଲିଗଲେ । କୁମ୍ଭସ୍ନାନ ସାରି ଫେରିଲା ବାଟରେ ନିଜ ନିଜ କମଣ୍ଡଳରେ ଗଙ୍ଗାଜଳ ଭରି ପୁଣି କମଣ୍ଡଳରେ ଗଙ୍ଗାଜଳ ଭରି ପୁଣି ଶୃଙ୍ଗୀଙ୍କ ଆଶ୍ରମରେ ପହଞ୍ଚିଲେ । ଦେଖିଲେ ଶୃଙ୍ଗୀ ତେବେବି ଧ୍ୟାନମଗ୍ନ ଅଛନ୍ତି । ତେଣୁ ଶୃଙ୍ଗୀ ଋଷିଙ୍କ କମଣ୍ଡଳରେ ଟିକିଏ ଗଙ୍ଗାଜଳ ଢାଳି ଋଷିମାନେ ନିଜ ନିଜ ଆଶ୍ରମକୁ ଫେରିଗଲେ । ଏ ଭିତରେ ଅନେକ ଦିନ, ମାସ ବିତିଗଲା କିନ୍ତୁ ଶୃଙ୍ଗୀ ଋଷିଙ୍କ ଧ୍ୟାନ ଶେଷ ହେଲା ନାହିଁ । ତାଙ୍କର ଏପରି ଧ୍ୟାନ ଓ ତପସ୍ୟାର ପରାକାଷ୍ଠାରେ ପ୍ରସନ୍ନ ଓ ମୁଗ୍ଧ ହୋଇ କମଣ୍ଡଳରୁ ଗଙ୍ଗାମାତା ପ୍ରକଟ ହେଲେ ଓ ତାଙ୍କୁ ବରଦାନ ମାଗିବାକୁ କହିଲେ । ତଥାପି ଋଷିଙ୍କର ଧ୍ୟାନ ଭାଙ୍ଗିଲା ନାହିଁ । ଏଥିରେ ଅପମାନିତ ଓ କ୍ରୋଧିତ ହୋଇ ଗଙ୍ଗାମାତା ପାହାଡ଼ କାଟି ଅତି ବେଗରେ ପୂର୍ବ ଦିଗକୁ ପ୍ରବାହିତ ହେବାକୁ ଲାଗିଲେ । ଶୃଙ୍ଗୀ ଋଷିଙ୍କ ପାଖରେ ବସିଥିଲେ ତାଙ୍କ ପ୍ରିୟ ଶିଷ୍ୟ ମହାନନ୍ଦା । ଏ ଘଟଣା ଦେଖି ଡରିଗଲେ । ଭାବିଲେ, ଏପରି ତୀବ୍ର ବେଗରେ ବହିଲେ ବହୁ ଅନିଷ୍ଟ ହେବ ଓ ହଜାର ହଜାର ଜୀବ ଜନ୍ତୁଙ୍କର ପ୍ରାଣ ନାଶ ହେବ ଓ ତତ୍‌ଜନିତ ପାପ ମୋ ଗୁରୁଙ୍କୁ ଲାଗିବ । କିନ୍ତୁ ଏ ବିପଦରୁ କେବଳ ଗୁରୁ ହିଁ ରକ୍ଷା କରିପାରିବେ । ମହାନନ୍ଦା ଗୁରୁଙ୍କ ଧ୍ୟାନଭଙ୍ଗ ପାଇଁ ତାଙ୍କ ଶରୀରରେ ବାରମ୍ବାର ନିଆଁଖୁଣ୍ଟା ଚେଙ୍ଗିଲେ । ଫଳରେ ଗୁରୁଙ୍କ ଧ୍ୟାନଭଙ୍ଗ ହେଲା । ସେ ଅତ୍ୟନ୍ତ କ୍ରୋଧିତ ନେତ୍ରରେ ମହାନନ୍ଦାଙ୍କ ଆଡ଼କୁ ଚାହିଁଲେ ଓ ଏହାଦ୍ୱାରା ମହାନନ୍ଦା ଜଳି ଭସ୍ମ ହୋଇଗଲେ । ଏହାପରେ ପରେ ଶୃଙ୍ଗୀ ଧ୍ୟାନ ଦ୍ୱାରା ସତ କଥା ଜାଣିପାରିଲେ । କିନ୍ତୁ ସେତେବେଳକୁ ଗଙ୍ଗା ମାତା ଅନେକ ଦୂର ବହି ଯାଇଥିଲେ । ମହର୍ଷି ଏବେ ପ୍ରାର୍ଥନା କରି ଗଙ୍ଗାଙ୍କୁ ଅନୁରୋଧ କରି କହିଲେ- ମାତା, ମୋର ଅପରାଧ କ୍ଷମା କରି ଲେଉଟି ଆସ । ତାଙ୍କ ପ୍ରାର୍ଥନା ଶୁଣି ଗଙ୍ଗା ଫେରି ଆସିଲେ କିନ୍ତୁ ତାଙ୍କର କ୍ରୋଧ ଶାନ୍ତ ହେଲା ନାହିଁ । ଶୃଙ୍ଗୀ ପୁଣି ଥରେ ପ୍ରାର୍ଥନା କରି କହିଲେ- ମାତା, ଏବେ ଶାନ୍ତ ହୋଇ ଯାଉ ତଥା ଦକ୍ଷିଣ ପଶ୍ଚିମ ଉତ୍ତର ଦିଗ ହୋଇ ପୂର୍ବ ଦିଗକୁ ଯାଉଛୁ । ମୋତେ ଯାହା ଦଣ୍ଡ ଦେବା କଥା ଦିଅନ୍ତୁ, କିନ୍ତୁ ମୋ ପାପର ଫଳ ଲୋକଙ୍କୁ ଭୋଗିବାକୁ ନ ପଡୁ । ଋଷିଙ୍କ ପ୍ରାର୍ଥନା ଓ ନିବେଦନ ସ୍ୱୀକାର କରି ଗଙ୍ଗାମାତା କହିଲେ- 'ଋଷିବର, ମୁଁ ଏବେ ତୁମକୁ ଆଶୀର୍ବାଦ କରି ପୂର୍ବ ଦିଗରେ ପୁଣି ଥରେ ବହିବି । ତୁମର ପ୍ରିୟ ଶିଷ୍ୟ ମହାନନ୍ଦା ନିଜ ଗୁରୁଙ୍କ ପାଇଁ ଯେଉଁ ମହାନ୍ ବଳିଦାନ କଲେ ତାହା ତେଣୁ ଆଜିଠାରୁ ଅତ୍ୟନ୍ତ ପ୍ରଶଂସନୀୟ ଓ ଶିକ୍ଷଣୀୟ ମୁଁ ଯେଉଁ ଦିଗରେ ବହିଯିବି ସେ ପର୍ଯ୍ୟନ୍ତ ମୋ ନା ଗଙ୍ଗା ନ ହୋଇ ତୁମ ଶିଷ୍ୟଙ୍କ ନାମ ମହାନନ୍ଦା ହେବ । ମୁଁ ତାଙ୍କରି ନାମରେ ପରିଚିତ ହେବି ।' ସମୟକ୍ରମେ ମହାନନ୍ଦାଙ୍କ ନାମ ବଦଳିଯାଇ ହୋଇଗଲା ମହାନନ୍ଦୀ ଓ ତାପରେ ମହାନଦୀ ବହିଯିବା ବାଟରେ ଓ ଘାଟରେ ବିଭିନ୍ନ ସ୍ଥାନରେ କର୍କ ଋଷି ତା ନା ରଖିଲେ କନକନନ୍ଦା, ଦଧିଚି ଋଷି ନାମ ଦେଲେ ନୀଳୋତ୍ପଳା, ଭୃଗୁ ଋଷି ନା ଦେଲେ ଜାଗୃତି ଗଙ୍ଗା, ଜ୍ୟୋତି ଗଙ୍ଗା, ପାର୍ବତୀଶ୍ୱର, ପାଟେଶ୍ୱରୀ, କୁଳେଶ୍ୱରୀ ଇତ୍ୟାଦି । ଆଉ କିଛି ସନ୍ଥମାନେ କହନ୍ତି ଯେ ଶୃଙ୍ଗୀ ଋଷିଙ୍କ କମଣ୍ଡଳରୁ ମହାନଦୀ ସ୍ୱର୍ଣ୍ଣ ଗଙ୍ଗା ରୂପରେ ପ୍ରକଟ ହୋଇଥିଲେ ଓ ତାପରେ ରସାତଳକୁ ଚାଲି ଯାଇଥିଲେ । କାରଣ ସେଠି ଜ ଋଷି ପରାଶର ତପସ୍ୟା କରୁଥିଲେ । ଏହା ଦେଖି ଅନ୍ୟ ଋଷିମାନେ ପୁଣି ପ୍ରାର୍ଥନା କଲାରୁ ମହାନନ୍ଦା ସାତ ଧାରାରେ ବିଭକ୍ତ ହୋଇ ମାଟି ଉପରକୁ ଆସି ପୁଣି ବହିଥିଲେ । ସେହି ସ୍ଥାନରେ ଅଗସ୍ତ ମୁନିଙ୍କ ଆଶ୍ରମ ଥିଲା ଓ ମହାନଦୀରୂପୀ ସ୍ୱର୍ଣ୍ଣଗଙ୍ଗାଙ୍କୁ ଆଉ ଥରେ ପୂଜା, ଅର୍ଚ୍ଚନା, ବନ୍ଦନା କରି ପୃଥିବୀ ପୃଷ୍ଠକୁ ସ୍ୱାଗତ କରାଯାଇଥିଲା ।

ମହାନଦୀର ଐତିହାସିକ ଓ ସାଂସ୍କୃତିକ ପରମ୍ପରା ଖୁବ୍ ପ୍ରାଚୀନ । ବେଦବ୍ୟାସଙ୍କ ସମେତ ସପ୍ତର୍ଷିଙ୍କ ତପୋବନ ଆରଣ୍ୟକ ଭୂମି, ନଳବଂଶୀ, ନାଗବଂଶୀ, ସୋମବଂଶୀ ରାଜା ଓ ରାଜ୍ୟମାନଙ୍କର ବୈଭବଶାଳୀ ଇତିହାସ ସହ ଯୋଡ଼ା ମହାନଦୀର ଇତିହାସ । ଏହି ଜୀବନଦାୟିନୀ ମା' ମହାନଦୀ ସମ୍ପର୍କରେ ସୂଚନା ବେଦ, ପୁରାଣ ଓ ତାମ୍ରପାତ୍ର ଶିଳାଲେଖରେ ମିଳେ । ଏକ ପୁରୁଣା ଶ୍ଳୋକରେ କୁହାଯାଇଚି- "ମହାନଦୀ ଶତମୁଖୀ, ଶୁକ୍ଳା, ମକର ବାହିନୀ- ବ୍ରହ୍ମହସ୍ତାତ୍ ପରିଭ୍ରଷ୍ଟା, ସୌମ୍ୟରୂପେଣ ଶୋଭନା" ଅର୍ଥାତ୍ ଏହି ନଦୀର ଶହେଟି ମୁଖ, ଏଥିରେ କୁମ୍ଭୀରମାନେ ନିରାପଦରେ ବାସ କରନ୍ତି, ଏହା ବ୍ରହ୍ମାଙ୍କ କମଣ୍ଡଳରୁ ଉତ୍ପନ୍ନ, ଏହାର ରୂପ ସୌମ୍ୟ, ଶୋଭନୀୟ ସେହି ପବିତ୍ର, ନିର୍ମଳ ଚିତ୍ରୋତ୍ପଳା, ଗଙ୍ଗା ମା'ଙ୍କୁ ଆମେ ନମନ କରୁଅଛୁ । ମହାନଦୀର ଆଉ ଏକ ନାମ ଚିତ୍ରୋତ୍ପଳା । ଏହା କଙ୍କ ଋଷିଙ୍କ କନ୍ୟା ଓ ତେଣୁ 'କଙ୍କଣୀ' ନାମରେ ବି ପରିଚିତ । ମତ୍ସ୍ୟ ପୁରାଣ, ବ୍ରହ୍ମ ପୁରାଣ ଓ ବାୟୁ ପୁରାଣରେ ଏହାର ନାମ ନୀଳୋତ୍ପଳା ବା ନୀଳ କମଳ । ମାର୍କଣ୍ଡେୟ ପୁରାଣରେ ମହାନଦୀର ନାମ ମନ୍ଦବାହିନୀ, ଋଷିକନ୍ୟା ଓ କୁମାରୀ । କଳ୍ପଦ୍ରୁମ ତୃତୀୟ ଭାଗରେ ମହାନଦୀକୁ ପୁରୁଷୋତ୍ତମ କ୍ଷେତ୍ରର ପବିତ୍ର ନଦୀ ଭାବରେ ବର୍ଣ୍ଣନା କରାଯାଇଛି ସୋମବଂଶୀ ତାମ୍ରପତ୍ରରେ ମହାନଦୀକୁ 'ତୁଙ୍ଗ ତରଙ୍ଗ ମାଳିନୀ' ନଦୀ ରୂପରେ ବର୍ଣ୍ଣନା କରାଯାଇଛି । ଓଡ଼ିଶାର ଗଙ୍ଗା ମହାନଦୀ ବିଷୟରେ ଅଧିକ ଅନୁସନ୍ଧାନ ଓ ଗବେଷଣା ଆବଶ୍ୟକ ।



ଜାତୀୟ ସମରବାହିନୀ

ମହାତ୍ମା ଗାନ୍ଧୀ

ଯଦି ଗୋଟିଏ ଜାତୀୟ ସରକାର ପ୍ରତିଷ୍ଠିତ ହୁଏ, ତେବେ କୌଣସି ଯୁଦ୍ଧରେ ମୁଁ ପ୍ରତ୍ୟକ୍ଷଭାବେ ଭାଗ ନେବିନାହିଁ ସିନା, ତଥାପି, ମୁଁ ଏପରି ଅବସର ଗୁଡ଼ିକର କଳ୍ପନା କରିପାରୁଛି, ଯେତେବେଳେ କି ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସାମରିକ ପ୍ରଶିକ୍ଷଣ ଦିଆଯିବା ସପକ୍ଷରେ ଭୋଟ ଦେବାକୁ ମୁଁ ନିଜର କର୍ତ୍ତବ୍ୟ ବୋଲି ମନେ କରିବି । କାରଣ, ମୁଁ ଜାଣିଛି ଯେ, ମୁଁ ଅହିଂସାରେ ଯେତେ ଦୂର ପର୍ଯ୍ୟନ୍ତ ବିଶ୍ୱାସ କରେ, ଜାତୀୟ ସରକାରର ସବୁ ସଦସ୍ୟ ଆଦୌ ସେତେଦୂର କରନ୍ତିନାହିଁ । ଜଣେ ବ୍ୟକ୍ତି ଅଥବା କୌଣସି ସମାଜକୁ ତୁମେ ବାଧ କରି କଦାପି ଅହିଂସ କରିପାରିବ ନାହିଁ । ପରିସ୍ଥିତିର ଚାପରେ ପଡ଼ି ମୁଁ ଅହିଂସାର ଜଣେ ପ୍ରବକ୍ତା ହୋଇଯାଇଛି । ମୋ'ର ନିଜ ଜୀବନରେ ମୁଁ ଯଥାଶକ୍ତି ମୋ' ଶିକ୍ଷାଗୁଡ଼ିକୁ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି ଏବଂ ଅନୁଭବ କରୁଛି ଯେ, ମୋ' ନିଜ ବ୍ୟକ୍ତିଗତ କ୍ଷେତ୍ରରେ ଯୁଦ୍ଧର ପ୍ରତିରୋଧ କରିବା ଲାଗି ଆବଶ୍ୟକ ବଳ ମୋ'ର ଅବଶ୍ୟ ରହିଛି ।

ମନୁଷ୍ୟମାନଙ୍କୁ କଦାପି ବାଧ କରି ଅହିଂସାର ମାର୍ଗକୁ ଅଣାଯାଇ ପାରିବ ନାହିଁ ସେହି କଥାଟିକୁ ହୃଦୟଙ୍ଗମ କରୁଥିବାରୁ ହିଁ ମୁଁ ସ୍ୱରାଜ୍ୟ ପରେ ମଧ୍ୟ ଏକ ଜାତୀୟ ବାହିନୀ ଗଠନ କରିବାର ପ୍ରସ୍ତାବକୁ ସମର୍ଥନ କରିବି । ଅହିଂସାର ମାର୍ଗରେ କିପରି ଏକ ଜାତୀୟ ସଂକଟର ସମ୍ମୁଖୀନ ହେବା ସମ୍ଭବ ହେବ, ବର୍ତ୍ତମାନ ଲୋକମାନଙ୍କୁ ମୁଁ ସେହି କଥା ଶିଖାଉଛି । ମାତ୍ର, କୌଣସି ଏକ ସଂକଟ ସମୟରେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସାଧନ ପାଇଁ ଅହିଂସାକୁ ଗ୍ରହଣ କରିବା ଗୋଟିଏ କଥା ଏବଂ ଏକ ଜୀବନଦର୍ଶନ ହିସାବରେ ସମସ୍ତେ ସବୁଦିନ ପାଇଁ ଅହିଂସାକୁ ଗ୍ରହଣ କରିବା ଆଉ ଗୋଟିଏ କଥା । ଏପରି ଗ୍ରହଣ କରିବା ଯେ ସମ୍ଭବ ନୁହେଁ, ମୁଁ ଆଦୌ ସେପରି ବିଚାର କରୁନାହିଁ । ମାତ୍ର, ଏପରି ଏକ ଲକ୍ଷ୍ୟକୁ ହାତକୁ ନେବା ପାଇଁ ମୋ'ପାଖରେ ଆବଶ୍ୟକ ବଳ ନାହିଁ । ତେଣୁ, ଏକ ଜାତୀୟ ସମରବାହିନୀର ଗଠନକୁ ମୁଁ ପ୍ରତିରୋଧ କରୁନାହିଁ । କେବଳ ଏତିକି କଥା ଯେ, ମୁଁ ନିଜେ ଏଥିରେ ଯୋଗ ଦେଇ ପାରିବି ନାହିଁ । ଏକ ସମରବାହିନୀର ଯେ କୌଣସି ଆବଶ୍ୟକତା ନାହିଁ, ମୁଁ ସେ କଥାଟିକୁ ନିଜ ଭିତରେ ସ୍ପଷ୍ଟଭାବରେ ଅନୁଭବ କରୁଛି ; ମାତ୍ର, ଯେଉଁ ଶବ୍ଦଟିଦ୍ୱାରା ମୁଁ ଏହା ବିଷୟରେ ଅନ୍ୟମାନଙ୍କର ହୃଦବୋଧ କରାଇ ପାରନ୍ତି, ସେହି ଶବ୍ଦଟି ମୋ' ପାଖରେ ନାହିଁ ।

କ୍ୟାନ୍‌ସର ଆଶଙ୍କା ଦୂର କରେ ଚିନାବାଦାମ

ଚିନାବାଦାମରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ତେବେ ଏହାକୁ ନିୟମିତ ଖାଇଲେ ତାହା କ୍ୟାନ୍ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର କ୍ୟାନ୍ସର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଚିନାବାଦାମରେ ଭିଟାମିନ୍ ଏବଂ ଖଣିଜ ଲବଣ ଭରି ରହିଛି, ଯାହା ଆମ ଶରୀରରେ ଆଣ୍ଟିବଡି ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଫଳରେ ଜଣେ ବ୍ୟକ୍ତି ନିଜକୁ କ୍ୟାନ୍ସରଠାରୁ କେତେକାଂଶରେ ଦୂରେଇ ରଖିପାରିବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ, ଏହାକୁ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ । ଚିନାବାଦାମରେ ଭିଟାମିନ୍ 'ବି' ଭରିରହିଛି, ଯାହା ସ୍ମରଣ ଶକ୍ତିକୁ ଆହୁରି ପ୍ରଖର କରାଇଥାଏ ।

ଶୋଇବା ପୂର୍ବରୁ କ୍ଷୀର ପିଅନ୍ତୁ

ଖଜୁରୀ ପଡିଥିବା କ୍ଷୀରରେ ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ, ଭିଟାମିନ୍ସ ରହିଥାଏ । ଏହାକୁ ପିଇଲେ ଷ୍ଟାମିନା ବଢ଼ିଯାଇଥାଏ । ଏହା ମଧ ଇନଫର୍ଟିଲିଟି ସମସ୍ୟାକୁ ଦୂର କରିଥାଏ । କ୍ଷୀରରେ ମହୁ ମିଶାଇ ପିଇଲେ ବହୁ ଲାଭ ମିଳିଥାଏ । ଏଥିରେ ପ୍ରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଏଥିରେ ମସଲ୍ସ ଟୋନ୍ସ ରହିଥାଏ । ଏହାମଧ ସ୍ମାର୍ଟନେସ୍ ବଢ଼ାଇଥାଏ । କ୍ଷୀରରେ ବାଦାମ ପକାଇ ପିଇଲେ ଏହା କୋଲେଷ୍ଟେରଲ ଲେବଲକୁ କମ୍ କରିଥାଏ । ହାର୍ଟ ପ୍ରୋବ୍ଲେମରୁ ରକ୍ଷା କରିଥାଏ । ବିପି ମଧ କଣ୍ଟ୍ରୋଲ ରହିଥାଏ । ଡାର୍କ ଚକୋଲେଟ ସେକ୍ କରି ପିଇଲେ ବହୁ ଉପକାର ମିଳିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭଳି ଫ୍ଲେବୋନ ଏଡ୍ସ ରହିଥାଏ । ଏହାଦ୍ୱାରା ସ୍ପର୍ମ କାଉଣ୍ଟ ବି ବଢ଼ିଯାଇଥାଏ ଏବଂ ମେମୋରି ପାୱାର ମଧ ବଢ଼ାଇଥାଏ । କ୍ଷୀରରେ ଡାଲଚିନି ପକାଇ ପିଇଲେ ଏଥିରେ ସିନେମେଲ୍ଡିହାଇଡ ରହିଥିବାରୁ ଇମ୍ୟୁନିଟି ବଢ଼ିଥାଏ । ମୋଟାପା ମଧ କମ୍ ହୋଇଥାଏ । କ୍ଷୀରରେ ଗୋଲମରିଚ ପକାଇ ପିଅନ୍ତୁ ବହୁତ ଉପକାର ମିଳିବ । ଗୋଲମରିଚରେ ଥାଏ ପେପରିନ ଏବଂ କ୍ୟାଲସିୟମ୍ । ଏଥିରେ ଓଜନ କଣ୍ଟ୍ରୋଲ ରହିଥାଏ । ହାତ ମଧ ମଜବୁତ ହୁଏ ।

ଭୂମିରେ ଶୋଇବାର ଲାଭ

ମୋଟା ଗଦି ପକାଇ ଖଟରେ ଶୋଇବାକୁ କାହାର ବା ପସନ୍ଦ ନୁହେଁ । କିନ୍ତୁ ଜାଣନ୍ତି, ଗଦି ପକାଇ ଖଟରେ ଶୋଇବା ଅପେକ୍ଷା ଭୂମିରେ ଶୟନ ଅଧିକ ଲାଭପ୍ରଦ । ଭୂଇଁରେ ଶୋଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ପ୍ରଥମତଃ ଶାରୀରିକ ସନ୍ତୁଳନ ସୁନ୍ଦର ରହିଥାଏ, ଯାହାକି ଗଦି ଉପରେ ଶୋଇବା ଦ୍ୱାରା ବିଗିଡି ଯାଇଥାଏ । ଭୂଇଁ ଉପରେ ଗୋଟିଏ ଚାଦର ବା ଶପ ପାରି ଶୋଇଲେ ଶରୀର ବେଶ୍ ସୁସ୍ଥ ରହେ । ଏହାଦ୍ୱାରା ମାଂସପେଶୀ ଉପରେ ଅତ୍ୟଧିକ ଚାପ ପଡେ ନାହିଁ । ହାଡ଼ର ସ୍ଥିତି ମଜଭୂତ ରହେ । ଏହା ବ୍ୟତୀତ ଅସ୍ଥି ସଂରଚନାରେ ସୁଧାର ଆସିଥାଏ । ଯଦି ଅସ୍ଥିମଜାରେ କୌଣସି ପ୍ରକାର ସମସ୍ୟା ଥାଏ, ତେବେ ଏହା ତୁରନ୍ତ ଭଲ ହୋଇଯାଏ । ଏପରିକି ଗଣ୍ଠିବ୍ୟଥାରୁ ଆରୋଗ୍ୟ ମିଳିଥାଏ । ମେରୁଦଣ୍ଡ ସହ ଜଡିତ କୌଣସି ସମସ୍ୟା ଥିଲେ ତାହା ଅଳ୍ପ ଦିନ ମଧରେ ଭଲ ହୋଇଯାଏ । କାରଣ ଶରୀରର ମୁଖ୍ୟ ଅଂଶ ହେଉଛି ମେରୁଦଣ୍ଡ, ଯାହା ଶରୀରର ସମ୍ପୂର୍ଣ୍ଣ ନର୍ଭସ ସିଷ୍ଟମକୁ ନିୟନ୍ତ୍ରଣ କରେ । ଏହାର ସିଧା ସମ୍ପର୍କ ମସ୍ତିଷ୍କ ସହ ରହିଥାଏ । ଗଦି ଉପରେ ଶୋଇବା ଦ୍ୱାରା ମେରୁଦଣ୍ଡରେ କୁପ୍ରଭାବ ପଡିଥାଏ । କୌଣସି କାମ କରିବାରେ ବା ଅଣ୍ଟା ନଇଁବାରେ କଷ୍ଟ ଅନୁଭବ ହୁଏ । କିନ୍ତୁ ଭୂଇଁରେ ଶୋଇଲେ ମେରୁଦଣ୍ଡ ସିଧା ରହିଥାଏ । ଏହା ଉପରେ ଚାପ ବି କମ୍ ପଡିଥାଏ । ଫଳରେ ଶରୀରରେ ରକ୍ତ ସଞ୍ଚାଳନ ସ୍ୱାଭାବିକ ଭାବେ ହୋଇଥାଏ । କେବଳ ସେତିକି ନୁହେଁ, ଭୂଇଁରେ ଶୋଇଲେ ନିତମ୍ବର ଆକାର ସୁଢ଼ଳ ହୋଇଥାଏ । ଶରୀରର ଅନେକ ପ୍ରକାର ରୋଗରୁ ଆରୋଗ୍ୟ ମିଳେ ।

ଯକ୍ଷ୍ମା ବଇଦ ଡାଳିମ୍ବ

ଯକ୍ଷ୍ମା ରୋଗ ହୋଇଥିଲେ ଏହାର ଘରୋଇ ଚିକିତ୍ସା କରନ୍ତୁ । ଡାଳିମ୍ବ ପ୍ରୟୋଗରେ ଯକ୍ଷ୍ମା ଭଳି ରୋଗ ସହଜରେ ଦୂରୀଭୂତ ହୋଇଥାଏ । ମିଠା ଡାଳିମ୍ବ ରସ ପଚାଶ ଗ୍ରାମ ନେଇ ସେଥିରେ ପିପ୍ପଳୀ, ଧଳାଜିରା, ଶୁଣ୍ଠି, ଡାଲଚିନି ଚୁନା ଦଶ ଗ୍ରାମ୍ ମାତ୍ରାରେ ଏବଂ ଦୁଇ ଗ୍ରାମ୍ ଭଲ କେଶର, ୨୦ ଗ୍ରାମ୍ ଭଲ ପୁରୁଣା ଗୁଡ ନେଇ ଏ ସବୁକୁ ଏକତ୍ର କରି ସେଥିରେ ଡାଳିମ୍ବ ରସକୁ ମିଶାଅ । ଅଳ୍ପ ନିଆଁ ଧାସରେ ଏ ସବୁକୁ ସିଝାଇ ଦିଅ । ଗାଢ଼ ରଙ୍ଗ ହୋଇଗଲେ ନିଆଁ ଉପରୁ ଉଠାଇ ଥଣ୍ଡା କରିବାକୁ ଦିଅନ୍ତୁ । ତା' ଉପରେ ଅଳେଇଚ ଦାନା ପକାନ୍ତୁ । ଏହାକୁ ଛ' ଗ୍ରାମ ମାତ୍ରାରେ ବଟିକା ପ୍ରସ୍ତୁତ କରନ୍ତୁ । ଏହି ବଟିକାକୁ ୨୫୦ ଗ୍ରାମ୍ ଛେଳି ଦୁଧ ସହିତ ମାତ୍ର ଏକ ମାସ ସେବନ କଲେ ଯକ୍ଷ୍ମାରୋଗରୁ ଉପଶମ ମିଳିଥାଏ ।

ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି

ଡାଲଚିନିର ବ୍ୟବହାର କରି ଡାଇବେଟିସ୍ ଓ ମୋଟାପଣକୁ ନିୟନ୍ତ୍ରଣ କରାଯାଇ ପାରିବ । ଭାରତୀୟମାନଙ୍କ ଉପରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡିଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡର ଖାଇଲେ ମେଦବୃଦ୍ଧି ନିୟନ୍ତ୍ରଣ କରାଯାଇ ପାରିବ । ଏହା ଦ୍ୱାରା ଅଣ୍ଟା ପାଖରେ ଜମିଥିବା ଚର୍ବି କମ୍ ହେବା ସହ କୋଲେଷ୍ଟ୍ରୋଲ ଓ ହାଇ ବ୍ଲଡପ୍ରେସରକୁ ମଧ ନିୟନ୍ତ୍ରଣରେ ରଖାଯାଇ ପାରିବ । ରିସର୍ଚ୍ଚ ବେଳେ ଡାଇବେଟିସ୍ ପାଇଁ ଡାଲଚିନି ଏକ ଅମୋଘ ଔଷଧ ବୋଲି ଜଣାପଡିଛି । ଏମସ୍ ଓ ଦିଲ୍ଲୀ ୟୁନିଭର୍ସିଟି ଫୋର୍ଟିସ୍ ସିଡିଓସି ହସ୍ପିଟାଲ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ରିସର୍ଚ୍ଚରେ ୧୩୦ ଜଣ ରୋଗୀଙ୍କୁ ୧୬ ସପ୍ତାହ ଧରି ଡାଲଚିନି ପାଉଡର ଦିଆଯାଇଥିଲା । ପ୍ରତ୍ୟେକ ରୋଗୀଙ୍କୁ ଦୈନିକ ୩ ଗ୍ରାମ୍ ଡାଲଚିନି ପାଉଡର ଦିଆଯାଇଥିଲା, ଯେଉଁଥିରେ ସେମାନଙ୍କ ଓଜନ ୩.୮ ପ୍ରତିଶତ କମିଯାଇଥିବା ଦେଖାଯାଇଥିଲା । ସେହିଭଳି ଶରୀରର ଚର୍ବି ୪.୩ ପ୍ରତିଶତ ଓ ଅଣ୍ଟା ଚଉଡ଼ା ୫.୩ ପ୍ରତିଶତ କମିଯାଇଥିଲା । ବ୍ଲଡପ୍ରେସର ୯.୭ ପ୍ରତିଶତ କମିଥିଲା ଓ ରକ୍ତରେ ଫାଷ୍ଟିଂ ଗ୍ଲୁକୋଜର ସ୍ତର ୭.୧ ପ୍ରତିଶତ କମିଯାଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୈନିକ ୩ ଗ୍ରାମ୍ ଡାଲଚିନି ପାଉଡ଼ର ଖାଇଥିଲେ ମଧ ରୋଗୀଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନ ଥିଲା । ଏହି ରିସର୍ଚ୍ଚ ସମ୍ପର୍କରେ ଅନ୍ତର୍ଜାତୀୟ ପତ୍ରିକା 'ଲିପିଡ୍ ଇନ୍‌ହେଲ୍‌ଥ୍ ଡିଜିଜ୍'ରେ ପ୍ରକାଶ ପାଇଛି ।

ଶରୀର ହିତ ପାଇଁ ଅଙ୍ଗୁର

ଆମ୍ବକୁ ଫଳମାନଙ୍କର ରାଜା ବୋଲି କୁହାଯାଏ । ତେବେ ଖଟା ମିଠା ଅଙ୍ଗୁର ବି କୌଣସି ଗୁଣରେ କମ୍ ନୁହେଁ । ଏହା ଏକାଧିକ ରୋଗର ଉପଶମ କାରଣ ହୋଇପାରେ । ଅଙ୍ଗୁରର ଚୋପା ଛଡ଼ାଇବାକୁ ହୁଏନାହିଁ କି ମଞ୍ଜି ବାହାର କରିବାର ସମସ୍ୟା ନ ଥାଏ । ଏହା ବଳ ଏବଂ ସୌନ୍ଦର୍ଯ୍ୟବର୍ଦ୍ଧକ ଫଳ ହୋଇଥିବା ବେଳେ ଶରୀରର ସମସ୍ତ ଅବସ୍ଥାରେ ସମାନ ଉପଯୋଗୀ ହୋଇଥାଏ । ପାଚିଲା ଅଙ୍ଗୁର ସ୍ୱଭାବରେ ଥଣ୍ଡା, ମିଠା ଏବଂ ତନ୍ତୁଯୁକ୍ତ ।

ଏନିମିଆ ବା ରକ୍ତାଳ୍ପତାର ଶିକାର ହୋଇଥିଲେ ଅଙ୍ଗୁର ଠାରୁ ଭଲ ଔଷଧ ଆଉ କିଛି ହୋଇ ନ ପାରେ ।

ଅଙ୍ଗୁରର ସୀମିତ ମାତ୍ରାରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫ୍ୟାଟ୍, ମ୍ୟାଗ୍ନେସିୟମ୍, ସୋଡିୟମ୍, ତନ୍ତୁ, ସହିତ ଭିଟାମିନ୍ ଏ, ସି, ଇ, କେ ସହ କ୍ୟାଲସିୟମ୍, କପର, ଜିଙ୍କ ଏବଂ ଆଇରନ ମିଳିଥାଏ ।



ଶରୀରର କୌଣସି ଭାଗରୁ ରକ୍ତସ୍ରାବ ହେଲେ ଏକଗ୍ଲାସ ଅଙ୍ଗୁର ଜୁସରେ ୨ ଚାମଚ ମହୁ ମିଶାଇ ପିଇଲେ ରକ୍ତର ଅଭାବ ଦୂର ହୋଇଯାଏ ।

ଅଙ୍ଗୁରରେ କ୍ୟାନସର ପ୍ରତିରୋଧୀ ବିଶେଷତ୍ୱ ରହିଛି । ଏହା କ୍ୟାନସର ଜୀବାଣୁ ବ୍ୟାପିବାରୁ ରୋକିଥାଏ । ହୃଦଘାତରୁ ବର୍ତ୍ତିବା ଲାଗି କଳା ଅଙ୍ଗୁର ରସ ଆସ୍ପିରିନ୍ ବଟିକା ସହ ସମାନ । ପଟାସିୟମ ଅଭାବରେ ଦାନ୍ତ ହଲିବା ସହିତ କେଶ ବି ଝଡିଯାଏ । ଚର୍ମ ଲୋଚାକୋଚା ହେବା ସହ ନିର୍ଜୀବ ଲାଗେ । ଗଣ୍ଠିଯନ୍ତ୍ରଣା ହେବା ସହ ଶରୀରରେ ଚଞ୍ଚଳତା ଆସେ ନାହିଁ । ଏସବୁ ରୋଗକୁ ଦୁରେଇ ରଖେ ଅଙ୍ଗୁର ।

ଏସିଡିଟିରୁ ମୁକ୍ତି ଦିଏ ଗୋଲମରିଚ

ଗୋଲମରିଚ ଆମ ରୋଷେଇରେ ସାଧାରଣତଃ କମ୍ ବ୍ୟବହାର କରାଯାଇଥାଏ । ହେଲେ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ । ବିଭିନ୍ନ ରୋଗର ଘରୋଇ ଚିକିତ୍ସାରେ ଏହା ବେଶ ସହାୟକ ହୋଇଥାଏ । ପେଟ୍, ଚର୍ମ ତଥା ଅସ୍ଥି ସମସ୍ୟାକୁ ଦୂର କରିବାରେ ଗୋଲମରିଚ ଖୁବ୍ ଲାଭଦାୟକ ।

କଳାଲୁଣ ଏବଂ ଲେମ୍ବୁରସରେ ଗୋଲମରିଚ ଗୁଣ୍ଡ ମିଶାଇ ଏହାକୁ ଧୀରେ ଧୀରେ ପିଇଲେ ଏସିଡିଟିରୁ ମୁକ୍ତି ମିଳେ ।

ଖାଦ୍ୟପାନୀୟର ଅନିୟମିତତା ଓ କୃମି ଯୋଗୁଁ ଅନେକ ସମୟରେ ପେଟବ୍ୟଥା ହୋଇଥାଏ । ଏହାଦ୍ୱାରା ଭୋକ କମ୍ ହେବା ସହ ଓଜନ ମଧ ହ୍ରାସ ପାଏ । ଏହାକୁ ଦୂର କରିବା ଲାଗି ଘୋଳଦହିରେ ଗୋଲମରିଚ ଗୁଣ୍ଡ ମିଶାଇ ପିଇଲେ ଆରାମ ଲାଗିଥାଏ । ଗୋଲମରିଚ ସହ କିସ୍‌ମିସ୍ ମିଶାଇ ଖାଇଲେ ବି କୃମି ଦୂର ହୋଇଥାଏ । ଅର୍ଶ ରୋଗରୁ ଆରାମ ପାଇବା ପାଇଁ ଗୋଲମରିଚ, ଜୀରା ଏବଂ ଚିନି ଓ ମିଶ୍ରିକୁ ମିଶାଇ ଗୁଣ୍ଡ କରି ଗୋଟେ ଚାମଚ ଲେଖାଏଁ ଦିନକୁ ୨ ଥର ଖାଆନ୍ତୁ ଯନ୍ତ୍ରଣା କମ୍ ହୋଇଥାଏ । ଗଣ୍ଠି ସମସ୍ୟାରୁ ଉପଶମ ପାଇବା ପାଇଁ ରାଶି ତେଲରେ କିଛି ଗୋଲମରିଚ ପକାଇ ପୁରା ପୋଡିବା ପର୍ଯ୍ୟନ୍ତ ଗରମ କରନ୍ତୁ । ଏହା ଥଣ୍ଡା ହେବା ପରେ ହାତ ଓ ପାଦର ମାଂସପେଶୀ ଉପରେ ଲଗାଇ ମାଲିସ୍ କରନ୍ତୁ ଆରାମ ମିଳିବ ।

ଗୋଲମରିଚ ପ୍ରତିଦିନ ଖାଇଲେ ଏହା ଚର୍ବି ହ୍ରାସ କରିବାରେ ସହାୟକ ହୋଇଥାଏ । ମେଦ ବହୁଳତା ସମସ୍ୟାରେ ମଧ ଗୋଲମରିଚ ଖୁବ୍ ଉପକାରୀ ।

କମ୍ ଶୋଇଲେ ମେଦ ବୃଦ୍ଧି

ଏକ ରିସର୍ଚ୍ଚ ଅନୁଯାୟୀ ଯଦି ରାତିରେ ୯ ଘଣ୍ଟାରୁ କମ୍ ସମୟ ଶୋଉଛନ୍ତି, ତେବେ ମୋଟା ହେବାର ସମ୍ଭାବନା ବେଶି । ୯ ଘଣ୍ଟା ସ୍ଥାନରେ ଯେଉଁମାନେ ୬ ଘଣ୍ଟା ଶୋଉଛନ୍ତି ସେମାନଙ୍କ ଅଣ୍ଟା ୩ ସେଣ୍ଟିମିଟର ଅଧିକା ଥିବା ରିସର୍ଚ୍ଚରୁ ଜଣାପଡିଛି । ରିସର୍ଚ୍ଚ ଅନୁଯାୟୀ କମ୍ ନିଦ ଡାଇବେଟିସ୍ ଭଳି ମେଟାବଲିଜିମ ରୋଗ ବୃଦ୍ଧି କରିଥାଏ । ବ୍ରିଟେନର ଲିଡସ୍ ୟୁନିଭର୍ସିଟିର ଗ୍ରେଗ୍ ପୋଟର୍ କହିଛନ୍ତି, ୧୯୮୦ ତୁଳନାରେ ବିଶ୍ୱରେ ମୋଟା ଲୋକଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଛି । ମୋଟାପଣ ଯୋଗୁ ଅନେକ ରୋଗ ଦେଖାଯାଉଛି । ବିଶେଷ କରି ଟାଇପ୍ ୨ ଡାଇବେଟିସ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଅଧ୍ୟୟନରେ ୧୬୧୫ ଜଣ ବୟସ୍କ ଲୋକଙ୍କୁ ସାମିଲ କରାଯାଇଥିଲା । ସେମାନେ କେତେ ସମୟ ଶୋଉଛନ୍ତି ଓ କେତେ ମାତ୍ରାରେ ଆହାର ନେଉଛନ୍ତି ତାହାର ଅନୁଧାନ କରାଯାଇଥିଲା । ଏହାର ସମ୍ପୂର୍ଣ୍ଣ ଫଳାଫଳ 'ପ୍ଲସ ୱାନ୍' ପତ୍ରିକାରେ ପ୍ରକାଶିତ ହୋଇଛି । ଏହି ରିସର୍ଚ୍ଚରୁ ଜଣାପଡିଛି, କମ୍ ନିଦ ପାଉଥିବା ଲୋକଙ୍କର ଏଚଡିଏଲ୍ କୋଲେଷ୍ଟ୍ରୋଲ କମି ଯାଇଥାଏ । ଏହି କୋଲେଷ୍ଟ୍ରୋଲ ରକ୍ତ ସଂଚାଳନରେ ବାଧା ପହଞ୍ଚାଉଥିବା ଚର୍ବିକୁ ହଟାଇବାରେ ସାହାଯ୍ୟ କରିଥାଏ ଓ ହୃଦରୋଗରୁ ରକ୍ଷା କରିଥାଏ ।

ଜ୍ଞାନ ଯୁଛ ଓ୍ୱର ତ୍ୟାଗ କୀ,
ପରଶଂସା କର ଓ୍ୱେଦ ।
ଦର୍ଶ ଉପନିଷଦ କହେଁ, ପୂର୍ବ ଗୁରୁନ
ଯହ ଭେଦ ॥୫୧॥

ଭାଷ୍ୟ - ଜ୍ଞାନ ସହିତ ମହାନ୍ ତ୍ୟାଗର ମହିମାକୁ ବେଦରେ ପ୍ରଶଂସା କରାଯାଇଛି । ଦର୍ଶନ ଓ ଉପନିଷଦ ମଧ୍ୟ ଏହାକୁ ସମର୍ଥନ କରିଥାନ୍ତି ଏବଂ ବ୍ରହ୍ମବିଦ୍ୟାର ପୂର୍ବାଚାର୍ଯ୍ୟଗଣ ଏହି ତତ୍ତ୍ୱଜ୍ଞାନକୁ ଅନୁମୋଦନ କରିଥାନ୍ତି ।

ଜ୍ଞାନ ଯୁଛ ଓ୍ୱର ତ୍ୟାଗ କୀ, କଥା
ସଭୀ ସଦ୍‌ଗ୍ରନ୍ଥ ।
ଶୋଭେ ଜ୍ଞାନ ନ ତ୍ୟାଗ ବିନ, ଭଛି
ଦାସ ବିନୁ ପନ୍ଥ ॥୫୨॥

ଭାଷ୍ୟ - କେବଳ ଜ୍ଞାନ ସହିତ ଯୁକ୍ତ ମହାନ୍ ତ୍ୟାଗର କଥା ସମସ୍ତ ସଦ୍‌ଗ୍ରନ୍ଥ କହିଥାନ୍ତି । ତ୍ୟାଗ ବିନା ଜ୍ଞାନ ସୁଶୋଭିତ ହୋଇ ନ ଥାଏ, ଯେମିତି ମାର୍ଗ ବିନା ପ୍ରଭୁଭକ୍ତ ମାନଙ୍କର ଭକ୍ତି ହୋଇ ନ ଥାଏ ଅର୍ଥାତ୍ ସଦ୍‌ଗୁରୁ ପ୍ରଦର୍ଶିତ ମାର୍ଗ ଦ୍ୱାରା ହିଁ ମହାପ୍ରଭୁଙ୍କର ଭକ୍ତି ଅନୁରାଗୀ ଭକ୍ତ କରିଥାନ୍ତି । ଅତଏବ ଜ୍ଞାନ ସେତେବେଳେ ପୂର୍ଣ୍ଣ ହୋଇଥାଏ, ଯେତେବେଳେ ବୈରାଗ୍ୟର ସହିତ ପ୍ରଭୁଙ୍କର ଭକ୍ତି କରାଯାଏ । ସେଥିପାଇଁ ଏହି ଦୋହାରେ ତ୍ୟାଗଯୁକ୍ତ, ବୈରାଗ୍ୟପୂର୍ଣ୍ଣ ଜ୍ଞାନର ପ୍ରଶଂସା କରାଯାଇଛି ।

ଜ୍ଞାନ ଯୋଗୀ ପଦ ଶ୍ରେଷ୍ଠ ହୈ,
ସର୍ଓ୍ୱ ସୁଶୋଭିତ ମାନ ।
କଥନ ଗହନ ସବ ଏକ ହୈ,
ଅଚଲ ଅମୋଲିକ ଜ୍ଞାନ ॥୫୩॥

ଭାଷ୍ୟ - ଜ୍ଞାନ ଯୋଗୀର ପଦ ଶ୍ରେଷ୍ଠ, ପୂଜନୀୟ ଏବଂ ସର୍ବ ସୁଶୋଭିତ ଅଟେ, କାହିଁକି ନା ତାଙ୍କର ଉଚ୍ଚାରଣ ଏବଂ ଆଚରଣରେ କୌଣସି ଭିନ୍ନତା ନ ଥାଏ ଏବଂ ଦୃଢ଼ ଅଲୌକିକ ଜ୍ଞାନ ବିଦ୍ୟମାନ ଥାଏ । ସେଥିପାଇଁ ଜ୍ଞାନ ଯୋଗୀର ପଦ ଏବଂ ଜ୍ଞାନ ଶ୍ରେଷ୍ଠ ତଥା ସର୍ବପୂଜ୍ୟ ଅଟେ ।

ଅଡିଗ ଅଡୋଲ ଅନନ୍ତ ହୈ, ଅକ୍ରିୟ
ଅକଲ ଅନୀହ ।
ଅଲଖ ଅନୂପ ଅନାମ ଅଜ, ଅମତ
ଅସୀମ ଅମୀହ ॥୫୪॥

ଭାଷ୍ୟ - ସେହି ପ୍ରଭୁ ଦୃଢ଼, ଅଚଳ, ଅକ୍ରିୟ ଏବଂ ଅଲଖ, ଅନୁମପ, ନାମ ତଥା ରୂପଶୂନ୍ୟ ନିତ୍ୟ ଏବଂ ଅସୀମ ଅଟନ୍ତି ।

ସ୍ୱର୍ବେଦ

ଅଚଲ ଅକମ୍ପ ଅଦ୍ୱୈତ ହୈ, ଶାଶ୍ୱତ
ଦେଓ୍ୱ ପୁରାନ ।
ଦୂର ଅନ୍ତିକେ ଅନ୍ତରେ, ବାହର ପୂର୍ଣ୍ଣ
ସମାନ ॥୫୫॥

ଭାଷ୍ୟ - ସେହି ନିତ୍ୟ ପ୍ରକାଶମାନ ଅନାଦି ପୁରୁଷ ଦୃଢ଼, କମ୍ପରହିତ ତଥା ଅଦ୍ୱିତୀୟ ଅଟନ୍ତି । ଭିତରେ ଏବଂ ବାହାରେ ସବୁଠାରେ ଏକରସ ପରିପୂର୍ଣ୍ଣ ଅଟନ୍ତି ।

କଶା ଶୁକ୍ର ଅଓ୍ୱର୍ଣ୍ଣ ହୈ, ଶୁଦ୍ଧ
ସଚ୍ଚିଦାନନ୍ଦ ।
ପରିଅଗାତ ପରିଭୂ ଜଗତ, ସ୍ୱୟମ୍ଭୂ
ଚେତନ ଚନ୍ଦ ॥୫୬॥

ଭାଷ୍ୟ - ସେହି ଶବ୍ଦ ସ୍ୱରୂପ ପରମବ୍ରହ୍ମ ପ୍ରକାଶ ସ୍ୱରୂପ ସର୍ବତ୍ର ବ୍ୟାପ୍ତ, ଜଗଦାଧାର ସ୍ୱୟଂ ନିଜ ଆଧାରରେ ଆଧାରୀତ, ଜ୍ଞାନବାନ୍ ଶୁଦ୍ଧ ଏବଂ ସଚ୍ଚିଦାନନ୍ଦ ସ୍ୱରୂପ ଅଟନ୍ତି । ସାରଶବ୍ଦ ଶବ୍ଦକୁ କହନ୍ତି । କଶା, ଶୁକ୍ର, ବୈଦିକ ଆଦି ନିଘଣ୍ଟୁର ସମାନାର୍ଥକ ଶବ୍ଦ ଅଟନ୍ତି ।

ଧାରଣ ଧାରକ ଜୀଓ୍ୱ କା, ଜୀଓ୍ୱନ
ଜୀଓ୍ୱ ଜହାନ ।
ଅନ୍ତର ଜୀଓ୍ୱ ପ୍ରକାଶ ହୈ, ଅନ୍ତର
ଅକ୍ଷର ପ୍ରାନ ॥୫୭॥

ଭାଷ୍ୟ - ସମସ୍ତ ଚରାଚର ଜଗତକୁ ଧାରଣ କରିଥିବା ଜୀବର ଅନ୍ତର ପ୍ରକାଶ, ପ୍ରାଣର ଜୀବନ ଆଧାର ଅକ୍ଷର ଅଟେ ।

ଆତମ ଅନ୍ତର ଆତମା, ଅନ୍ତର୍ଯ୍ୟାମୀ
ଦେଓ୍ୱ ।
ଅମୃତ ଅଗମ ଅନନ୍ତ ହୈ, ଆତମ
ନିୟମନ ଦେଓ୍ୱ ॥୫୮॥

ଭାଷ୍ୟ - ଆତ୍ମାର ଅନ୍ତରାତ୍ମା ସର୍ବାନ୍ତର୍ଯ୍ୟାମୀ ଅମୃତ ଅଗମ୍ୟ ଅନନ୍ତ ଅଟନ୍ତି ଏବଂ ସେ ହିଁ ପ୍ରକାଶ ସ୍ୱରୂପ ଜଗତର ନିୟାମକ ଅକ୍ଷର ଅଟନ୍ତି ।

ଅକ୍ଷର ସେ ସବ ସୃଷ୍ଟି ହୈ ଆପ
ନିୟନ୍ତା ଦୂର ।
ଆପ ଆପ ପରକାଶିୟା, ଆପ
ସକଲ ଘଟ ପୂର ॥୫୯॥

ଭାଷ୍ୟ - ନିଃଶବ୍ଦ ପରମ ପୁରୁଷଙ୍କର ପ୍ରକାଶରେ ଅକ୍ଷର ଦ୍ୱାରା ସମସ୍ତ ସୃଷ୍ଟିର ବିସ୍ତାର ହୋଇଥାଏ ।



ଜଗତ୍ ନିୟନ୍ତା ପରମ ପ୍ରଭୁ ଏସବୁ ଠାରୁ ବହୁ ଦୂରରେ । ସେ ସ୍ୱୟଂ ସ୍ୱ ପ୍ରକାଶରେ ପ୍ରକାଶିତ ହୋଇ ସମସ୍ତ ଶରୀର ଏବଂ ଜଗତରେ ପରିପୂର୍ଣ୍ଣ ବ୍ୟାପକ ଅଟନ୍ତି ।

ସର୍ଓ୍ୱ ଜ୍ୟୋତି କା ଜ୍ୟୋତି ହୈ, ସର୍ଓ୍ୱ
ଦେଓ୍ୱ କା ଦେଓ୍ୱ ।
ସୋ ପ୍ରଭୁ ମୋର ଅରାଧ୍ୟ ହୈ,
କରୌ ନିରନ୍ତର ସେଓ୍ୱ ॥୬୦॥

ଭାଷ୍ୟ - ଯିଏ ସମସ୍ତ ଜ୍ୟୋତିମାନଙ୍କର ଜ୍ୟୋତି, ଆଧାର ଏବଂ ସମସ୍ତ ଜଡ଼ ଚେତନ ଦେବଙ୍କର ଦେବ, ପରମ ଦେବ, ପରମ ପ୍ରକାଶ ଅଟନ୍ତି । ସେହି ପ୍ରଭୁ ମୋର ଉପାସ୍ୟ ଅଟନ୍ତି, ଯାହାଙ୍କୁ ମୁଁ ସର୍ବଦା ଭକ୍ତି କରେଁ । ସର୍ବାଧାର, ସର୍ବ ପ୍ରକାଶକ, ସ୍ୱାମୀ, ପରମ ପୁରୁଷ ଅଟନ୍ତି । ତାଙ୍କର ଭକ୍ତି କଲେ ଜନ୍ମ ମରଣ ରୂପକ ସକଳ ଦୁଃଖରୁ ମୁକ୍ତି ମିଳେ ଏବଂ ପରମାନନ୍ଦ ଗତି ପ୍ରାପ୍ତ ହୁଏ ।

ପ୍ରକୃତି ରୂପ ସବ ସୃଷ୍ଟି ହୈ, ନାମ
ରୂପ ସଂସାର ।
ସମଓ୍ୱାୟୀ କାରଣ ରହେ, କଞ୍ଚନ
ଭୂଷଣ ନ୍ୟାର ॥୬୧॥

ଭାଷ୍ୟ - ନାମରୂପ ଜଗତର ସମସ୍ତ ସୃଷ୍ଟି ପ୍ରକୃତିର ରୂପ ଅଟନ୍ତି । ସୁନାରୁ ଭିନ୍ନ ଭିନ୍ନ ଗହଣା ତିଆରି ହୋଇଥାଏ । ସେହି ପ୍ରକାର ଉପାଦାନ କାରଣ ପ୍ରକୃତିରୁ ଭିନ୍ନ ଜଗତର ବିସ୍ତାର ହୋଇଥାଏ । ଜଗତର କାରଣ ପ୍ରକୃତି ଅଟେ । ଏହାକୁ ମାୟା ଆଉ ପରମାଣୁ ମଧ୍ୟ କହିଥାନ୍ତି । ପ୍ରକୃତିର ବିକୃତିରୁ ସମଗ୍ର ଜଗତର ସୃଷ୍ଟି । ଯେପରି ସୁନାରୁ ତିଆରି ସମସ୍ତ ଗହଣା ସୁନା ଅଟେ, ସେହି ପ୍ରକାର ଜଡ଼ ମୂଳ କାରଣ ପ୍ରକୃତିରୁ ସୃଷ୍ଟ ଜଡ଼ ଜଗତ ପ୍ରକୃତିର ରୂପ ଅଟେ । କାର୍ଯ୍ୟ, କାରଣ, ବ୍ୟବହାରରୁ ପ୍ରକୃତି ପ୍ରବାହ ରୂପରେ ନିତ୍ୟ ଅଟେ । ପ୍ରକୃତିର କାର୍ଯ୍ୟ ଏହି ବିଶାଳ ଜଗତ ଅଟେ, ସେଥିପାଇଁ ଜଗତର ଉପାଦାନ କାରଣ ପରିଣାମତଃ ସୃଷ୍ଟ ପ୍ରକୃତି ନିତ୍ୟ ବସ୍ତୁ ଅଟେ ।

ସ୍ଥାଓ୍ୱର ଜଙ୍ଗମ ସୃଷ୍ଟି ହୈ, ଭିନ୍ନ
ଭିନ୍ନ ବ୍ରହ୍ମାଣ୍ଡ ।
ଓ୍ୱାୟୁ ସବ ଧାରଣ କରେ, ଓ୍ୱାୟୁ
ଧାର ବ୍ୟୋମାଣ୍ଡ ॥୬୨॥

ଭାଷ୍ୟ - ଅନ୍ତରୀକ୍ଷରେ ଭିନ୍ନ ଭିନ୍ନ ଅନନ୍ତ ବ୍ରହ୍ମାଣ୍ଡ ସ୍ଥିତ ଅଛି ଏବଂ ସ୍ଥାବର ଜଙ୍ଗମ ସୃଷ୍ଟିର ଯେତିକି ବିସ୍ତାର ହୋଇଛି, ସେସବୁକୁ ବାୟୁ ଧାରଣ କରିଛି । ସେହି ବାୟୁର ଆଧାର ତଥା ଧାରଣ କରୁଥିବା ଶକ୍ତି ମହାମଣ୍ଡଳ ଆକାଶ ଅଟେ । ଏହି ପ୍ରକାର ଅନନ୍ତ ଅଣ୍ଡାକାର ବ୍ରହ୍ମାଣ୍ଡ, ଶୂନ୍ୟ ଅନ୍ତରୀକ୍ଷରେ ସ୍ଥିତ ହୋଇ ଗତିଶୀଳ ହେଉଛି ।

ମଣିସୁତ ଇଓ୍ୱ ସବ ସୃଷ୍ଟି ହୈ, ଓ୍ୱାୟୁ
ପିରୋୟା ଜାନ ।
ପ୍ରଜା ଓ୍ୱାୟୁ ଧାରଣ କରେ, ଓ୍ୱାୟୁ
ଗଗନ ସମାନ ॥୬୩॥

ଭାଷ୍ୟ - ସୂତାରେ ଗୁନ୍ଥା ମଣି ପରି ମଣିମାଳା ସମାନ ଏହି ସମସ୍ତ ସୃଷ୍ଟି ବାୟୁରେ ଗୁନ୍ଥା ହୋଇଛି । ସମସ୍ତ ସୃଷ୍ଟିକୁ ବାୟୁ ଧାରଣ କରିଅଛି ଆଉ ତାହା ଆକାଶରେ ପ୍ରବେଶ କରି ତାହାରି ଆଧାରରେ ସ୍ଥିତ ହୋଇଛି ।

ଧାରଣ ଓ୍ୱାୟୁ ଅକାଶ ହୈ, ଅକ୍ଷର
ଧାରକ ସୋୟ ।
ଅକ୍ଷର ମେଁ ସବ ସୃଷ୍ଟି ହୈ, ଅକ୍ଷର
ମାହିଁ ସମାୟ ॥୬୪॥

ଭାଷ୍ୟ - ଆକାଶରୁ ବାୟୁର ଧାରଣ ହେଉଅଛି ଏବଂ ସେହି ଆକାଶକୁ ଅକ୍ଷର ବ୍ରହ୍ମ ଧାରଣ କରିଛନ୍ତି । ଅକ୍ଷର ଦ୍ୱାରା ସମସ୍ତ ସୃଷ୍ଟି ନିର୍ମିତ ହୋଇ ଅକ୍ଷରରେ ହିଁ ସ୍ଥିତ ହୋଇଅଛି । ସୃଷ୍ଟିର ଆଧାର ଅକ୍ଷର ଅଟନ୍ତି ଏବଂ ଅକ୍ଷର ଦ୍ୱାରା ହିଁ ସୃଷ୍ଟିର ସଂଚାଳନ, ଉତ୍ପତ୍ତି, ପାଳନ ଆଉ ଲୟ ହୋଇଥାଏ ।

ଅକ୍ଷର ରଚି ଧାରଣ କରୋ, ସୋ
ନିଃଶବ୍ଦ ଅପାର ।
ସୋୟ ମୂଲ ସବ ସୃଷ୍ଟି କା, ସୋଇ
ସତପୁରୁଷ ହମାର ॥୬୫॥

ଭାଷ୍ୟ - ଏକପାଦ ଜଗତରେ ଅକ୍ଷରକୁ ପ୍ରକଟ କରି ଅପରିଚ୍ଛିନ୍ନ ସତ୍‌ପୁରୁଷ ସମସ୍ତ ସୃଷ୍ଟିକୁ ଧାରଣ କରିଛନ୍ତି । ସେ ସମସ୍ତ ଚରାଚର ସୃଷ୍ଟିର ମୂଳାଧାର ଅଟନ୍ତି । ସେ ମୋର ଆରାଧ୍ୟ ସତ୍‌ପୁରୁଷ ଅଟନ୍ତି ।

ଭଛି ଓ୍ୱନ୍ଦନା କରତ ହୂଁ, ସୋ
ପ୍ରଭୁ ପ୍ରାଣ ଅଧାର ।
ଭଛି ଦେହୁ ଅନୁପାୟିନୀ, ପ୍ରେମ
ନିରନ୍ତର ଧାର ॥୬୬॥

ଭାଷ୍ୟ - ଜଗତର ଆଧାର ଅକ୍ଷରାଧିପତି, ନିଃଶବ୍ଦ, ପରମ ପୁରୁଷଙ୍କର ଉପାସନା ଆଉ ତାଙ୍କର ବନ୍ଦନା ଏବଂ ସ୍ତୁତି କରୁଛି । ସେହି ପରମ ପ୍ରଭୁ ମୋର ପ୍ରାଣର ଆଧାର ଅଟନ୍ତି । ତାଙ୍କ ପ୍ରଦତ୍ତ ଦୃଢ଼ ଭକ୍ତିରେ ତାଙ୍କର ପ୍ରାର୍ଥନା କରୁଅଛି, ଯାହା ଫଳରେ ନିରନ୍ତର ପ୍ରେମର ଧାରା ପ୍ରବାହିତ ହେଉଅଛି । ନିଃଶବ୍ଦ ପରମ ପୁରୁଷଙ୍କର ଅଚଳ, ଅନନ୍ୟ ଭକ୍ତିର କାମନା ଏହି ଦୋହାରେ କରାଯାଇଛି । ପରମ ପ୍ରଭୁଙ୍କ ଠାରେ ନିରନ୍ତର ଚେତନ ଧାରା ପ୍ରବାହିତ ରହୁ, ଏହା ଭକ୍ତମାନଙ୍କର ଅନନ୍ୟ ଭକ୍ତି ଅଟେ ।

ଚାରୌଁ ଫଲ କୀ ରୁଚି ନହାଁ,
କେଓ୍ୱଲ ଯହ ଓ୍ୱରଦାନ ।
ଦେଓ୍ୱ ସଦାଫଲ ଜନ ହରି, ଯହ
ଅଭିମାନପ ଜ୍ଞାନ ॥୬୭॥

ଭାଷ୍ୟ - ଧର୍ମ, ଅର୍ଥ, କାମ, ମୋକ୍ଷାଦି ଚତୁର୍ବର୍ଗ ଫଳ ପ୍ରାପ୍ତିର ଇଚ୍ଛା ନାହିଁ । ମୋତେ ଏକମାତ୍ର ବରଦାନ ପ୍ରଭୁଭକ୍ତି ଲୋଡ଼ା । ପ୍ରଭୁଙ୍କର ଶରଣରେ ଜୀବନ ଭକ୍ତିପୂର୍ଣ୍ଣ ବ୍ୟତୀତ ହେଉ, ତାଙ୍କର ଭକ୍ତିରୁ କେବେ ବିୟୋଗ ନ ହେଉ, ଭକ୍ତିର ଏହି ଅଭିମାନ କେବେ ନ ଛାଡୁ, ସର୍ବଦା ଜ୍ଞାନ ରହିଥାଉ, ପ୍ରଭୁ ଶରଣରେ ରହି ସର୍ବଦା ତାଙ୍କର ଭକ୍ତିରେ ଲାଗି ରହେଁ ଏହା ମୋର ଅଚଳ ଭକ୍ତିର କାମନା ଅଟେ । ଗ୍ରନ୍ଥକାର ସଦ୍‌ଗୁରୁଦେବ ଜୀ ମହାପ୍ରଭୁଙ୍କଠାରେ ନିଜ ଭକ୍ତିର ଏହି ପ୍ରାର୍ଥନା କରିଛନ୍ତି ।

ନିଦ୍ରାହୀନତାର ସହଜ ଉପଚାର

ଆମେ ପ୍ରତିଦିନ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର । ହେଲେ ଅନେକଙ୍କର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ । ନିଦ୍ରାହୀନତା ଏପରି ଏକ ସମସ୍ୟା, ଯାହା ପରବର୍ତ୍ତୀ ସମୟରେ ଅନ୍ୟ କେତେକ ରୋଗର କାରଣ ସାଜିଥାଏ । ତେବେ ରାତିରେ ଭଲ ନିଦ ହେବା ପାଇଁ ଏକ ସହଜ ପ୍ରଣାଳୀ ଅବଲମ୍ବନ କରିପାରନ୍ତି । ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ, ପ୍ରାଣାୟାମ କରନ୍ତି, ତେବେ ସେ ନିଦ୍ରାହୀନତା ପରି ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିଥାଆନ୍ତି । ଅନ୍ୟପକ୍ଷରେ ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ ।

ମହାମୃତ୍ୟୁଞ୍ଜୟ ମନ୍ତ୍ର ମହିମା

ଶିବ ହେଉଛନ୍ତି ମଙ୍ଗଳମୟ । ସେ ସଂସାରର ତ୍ରାଣକର୍ତ୍ତା । ଭଗବାନ ଶିବଙ୍କର ମହିମା ଅପାର । ପଦ୍ମାସନରେ ଉପବିଷ୍ଟ ଭଗବାନ ଶିବଙ୍କ ଧାନ ଓ ତାଙ୍କ ପାଇଁ ଉଦ୍ଦିଷ୍ଟ ମନ୍ତ୍ରର ପ୍ରତିଦିନ ଉଚ୍ଚାରଣ ମାତ୍ରେ ହିଁ ସମସ୍ତ କଷ୍ଟରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଗବାନ ଶିବଙ୍କ ଆରାଧନା ଲାଗି ସବୁଠାରୁ ଉତ୍ତମ ମନ୍ତ୍ର ବୋଲି କୁହାଯାଏ । ଭୟମୁକ୍ତ, ରୋଗମୁକ୍ତ ଓ ଅକାଳ ମୃତ୍ୟୁକୁ ହରଣ କରିଥାଏ ମହାମୃତ୍ୟୁଞ୍ଜୟ ମନ୍ତ୍ର । ଏହି ମନ୍ତ୍ରର ମହିମା ଋଗ୍‌ବେଦ, ଯଜୁର୍ବେଦ ଓ ଶିବ ପୁରାଣରେ ଉଲ୍ଲେଖ ଅଛି । ଏହି ମନ୍ତ୍ର ଜପ କରିବା ଦ୍ୱାରା ସମସ୍ତ କଷ୍ଟରୁ ମୁକ୍ତି ମିଳିବା ସହ ଜୀବନରେ ସକାରାତ୍ମକତା ବଢ଼ିଥାଏ । ଶାସ୍ତ୍ର ଅନୁସାରେ ପ୍ରଥମେ ଏହି ମନ୍ତ୍ରକୁ ଋଷି ମାର୍କଣ୍ଡଙ୍କ ଦ୍ୱାରା ଜପ କରାଯାଇଥିଲା । ଋଷି ମାର୍କଣ୍ଡଙ୍କ ବ୍ୟତୀତ ଗୁରୁ ଶୁକ୍ରାଚାର୍ଯ୍ୟ ମଧ ଭଗବାନ ଶିବଙ୍କଠୁ ମହାମୃତ୍ୟୁଞ୍ଜୟ ମନ୍ତ୍ର ଲାଭ କରି ରାକ୍ଷସମାନଙ୍କୁ ଜୀବନ ଦାନ ଦେଉଥିଲେ । ଶାସ୍ତ୍ରରେ ଦର୍ଶାଯାଇଛି ଯେ, ଏହି ମନ୍ତ୍ର ଜପ ସମୟରେ ସ୍ପଷ୍ଟ ଉଚ୍ଚାରଣ ବହୁତ ମହତ୍ତ୍ୱ ରଖିଥାଏ । ଏଥିପାଇଁ ଜପ କରିବା ସମୟରେ ଉଚ୍ଚାରଣର ମଧ ଧାନ ରଖିବାକୁ ପଡ଼ିଥାଏ । ଜପ କରିବା ସମୟରେ ମାଳା ଦ୍ୱାରା ଏହାକୁ ଜପ କରିବାକୁ ପଡ଼ିଥାଏ । କାରଣ, ସଂଖ୍ୟାହୀନ ଉଚ୍ଚାରଣର ଜପ ଫଳପ୍ରଦ ହୋଇ ନ ଥାଏ । ଏହି ମନ୍ତ୍ରର ଜପ ରୁଦ୍ରାକ୍ଷ ମାଳାରେ କରିବା ଆବଶ୍ୟକ ହୋଇଥାଏ । ଏହି ମନ୍ତ୍ରକୁ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ଜପ କରିବା ଉଚିତ । ଶିବ ପୁରାଣ ଅନୁସାରେ, ଏହି ମନ୍ତ୍ରକୁ ୧୦୮ ଥର ଜପ କରିବା ଦ୍ୱାରା ଅକାଳ ମୃତ୍ୟୁକୁ ଜୟ କରିହୁଏ ।

କଦମ୍ବର ଉପକାରିତା

ଆଷାଢ଼ର କଥା ଆସିଲେ କଦମ୍ବର କଥା ନ କହିଲେ ତାହା ଅଧୁରା ରହିଯାଏ । ଚୈତ୍ରରେ ମଲ୍ଲୀ ପରି ଆଷାଢ଼ରେ କଦମ୍ବ ମାଟିରେ ମହକ ଭରିଦିଏ । କଦମ୍ବର ବିଭିନ୍ନ ଅଂଶ ମଣିଷର ସେବାରେ ଲାଗିଥାଏ । ଏହାର କାଠରେ ସାଜସଜ୍ଜା ଉପକରଣ ପ୍ରସ୍ତୁତି, ଫୁଲରୁ ସୁଗନ୍ଧିତ ଅତର, ମଞ୍ଜିରୁ ତେଲ ସଂଗୃହୀତ ହୋଇଥାଏ । କେବଳ ସେତିକି ନୁହେଁ ଆୟୁର୍ବେଦରେ କଦମ୍ବର ଭୂମିକା ଅନନ୍ୟ । କଦମ୍ବର ଛାଲି ଆଉ ତିକ୍ତ, କଟୁ, କଷାଯୁକ୍ତ ଓ ଶୀତଳ । ଏହାର ପତ୍ର କ୍ଷତ, ଫୁଲା ଆଦିର ଉପଶମ କରିଥାଏ । ପତ୍ରର କ୍ୱାଥ ଅନ୍ତଃନଳୀର ଘା'କୁ ଭଲ କରିଥାଏ । ରକ୍ତ ସମ୍ବନ୍ଧିତ ରୋଗ ପାଇଁ ଏହାର ଛାଲି ବ୍ୟବହୃତ ହୋଇଥାଏ । ଏହି ବୃକ୍ଷର ଛେଲି ଏବଂ ମୂଳ, ଜ୍ୱର, ଉଦରଶୁଳ ମାଂସପେଶୀରେ ଯନ୍ତ୍ରଣା, ଆଖିରେ ଯନ୍ତ୍ରଣା, କାଶ ଏବଂ ମହିଳାମାନଙ୍କ ବିଭିନ୍ନ ରୋଗ ପାଇଁ ଦରକାର ପଡେ । ମୁତ୍ର ସମ୍ବନ୍ଧିତ ସମସ୍ୟା ପାଇଁ ଏହି ବୃକ୍ଷର ଚେରକୁ ବ୍ୟବହାର କରାଯାଏ । କଦମ୍ବରୁ ମିଳୁଥିବା ଆଲକାଲୋଏଡ୍ ଟାଇପ୍-୨ ମଧୁମେହ ପାଇଁ ଉପଯୋଗୀ ବୋଲି ଏକ ଗବେଷଣାରୁ ଜଣାଯାଇଛି ।

ଜ୍ୱରର ଉପଶମ ପାଇଁ କଦମ୍ବର ଛାଲିକୁ ବ୍ୟବହାର କରନ୍ତୁ । ୫୦ ଗ୍ରାମ୍ କଦମ୍ବର ଛାଲି ନେଇ ସେଥିରେ ସାତ ଆଠଟି ତୁଳସୀ ପତ୍ର ପକାଇ ଭଲ ଭାବେ ବାଟି ଦିଅନ୍ତୁ । ଏଥିରେ ଗୋଟିଏ ଗ୍ଲାସ ପାଣି ମିଶାଇ ତାକୁ ନିଆଁରେ ବସାନ୍ତୁ । ନିଆଁ ଜୋରରେ ଜାଳନ୍ତୁ ନାହିଁ । ପାଣି ମରି ମରି ଅଧା କମିଯିବା ପରେ ତାକୁ ଓହ୍ଲାଇ ଦିଅନ୍ତୁ । ଏହା ଶୀତଳ ହେବା ପରେ ଦୁଇ ଚାମଚ ଲେଖା ଦିନକୁ ତିନିଥର ଖାଇବା ସେବନ କରିବା ଦ୍ୱାରା ସବୁ ପ୍ରକାରର ଜ୍ୱରରୁ ଆରୋଗ୍ୟ ମିଳିଥାଏ ।

କ୍ଷତ ଏବଂ ଘା'ରୁ ଆରୋଗ୍ୟ ଆଣିଥାଏ କଦମ୍ବ । କଦମ୍ବର ପତ୍ର ଏବଂ ଛାଲିକୁ ସମାନ ମାତ୍ରାରେ ନେଇ ଏହାକୁ ଭଲ ଭାବେ ବାଟି ଦିଅନ୍ତୁ । ଏହାକୁ ନିଆଁରେ ବସାଇ ଉଷୁମ କରି ଦିଅନ୍ତୁ । ଅଳ୍ପ ଉଷୁମ ଥିବା ଏହି ପାଣିରେ ସେକ ଦେବା ଦ୍ୱାରା କ୍ଷତ, ଘା' ଏବଂ ତତ୍‌ଜନିତ ଯନ୍ତ୍ରଣା ଦୂର ହୋଇଥାଏ ।

ଜଣେ ଗ୍ୟାସ୍ ବା କୋଷ୍ଠକାଠିନ୍ୟ ରୋଗରେ ପୀଡିତ ଥିଲେ ତା'ର ହଜମ କ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏଭଳି ସମସ୍ୟା ଥିବା ବ୍ୟକ୍ତି କଦମ୍ବ ଫଳର ରସରେ ସୈନ୍ଧବ ଲବଣ ମିଶାଇ ଦୁଇ ଚାମଚ ଲେଖା ସକାଳେ ଏବଂ ସନ୍ଧ୍ୟାରେ ସେବନ କଲେ ଏହି ସମସ୍ୟାରୁ ରକ୍ଷା ମିଳିଥାଏ । ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ କଦମ୍ବ ସହାୟତା କରିଥାଏ ।

ଦେହହାତ କୁଣ୍ଢେଇ ହୋଇ ଫଳି ଯାଉଥିଲେ କଦମ୍ବର ଉପଚାର କରାଯାଇପାରିବ । କଦମ୍ବ ପତ୍ରକୁ ଭଲ ଭାବେ ବାଟି ଏହାର ଫଳର ରସ ସହ ସେହି ସ୍ଥାନରେ ଲଗାଇବା ଦ୍ୱାରା ତୁରନ୍ତ ଆରାମ ମିଳିଥାଏ ।

ହାତ ପାଦରେ ଫୁଲା, ମୋଡି ମକଚି ହେଇଯାଇ ଯନ୍ତ୍ରଣା ହେଉଥିଲେ କଦମ୍ବର ମଞ୍ଜି, ପତ୍ର ଏବଂ ଛାଲିକୁ ବାଟି ସେଥିରେ ଗୋଟିଏ ଚାମଚ ଲୁଣ ମିଶାଇ ନିଆଁରେ ବସାଇ ସିଝାନ୍ତୁ । ଏହି ପାଣିରେ ସୂତା କପଡ଼ା ଭିଜାଇ ସେକିବା ଦ୍ୱାରା ଆରାମ ମିଳୁଥାଏ ।

କଦମ୍ବର ପତ୍ର ଏବଂ ଫଳର ରସରେ ପାଣି ମିଶାଇ ତାକୁ ଉଷୁମ କରି ସେଥିରେ କୁଳି ଏବଂ ଗର୍ଗ୍ଲିଂ (ତଣ୍ଟି ଘଡ଼ଘଡ଼) କରିବା ଦ୍ୱାରା ତୁଣ୍ଡ ଘା' ଭଲ ହୋଇଥାଏ ।

ସନ୍ତାନ ପ୍ରସବ ପରେ ଯଥେଷ୍ଟ କ୍ଷୀର ହେଉ ନ ଥିଲେ କଦମ୍ବ ଫଳର ରସକୁ ଗାଈକ୍ଷୀର ସହ ଉପଯୁକ୍ତ ମାତ୍ରାରେ ସେବନ କରିବା ଦ୍ୱାରା ଏହା କ୍ଷୀର ବୃଦ୍ଧି କରିଥାଏ ।

ବିଛା ଏବଂ ଅନ୍ୟାନ୍ୟ ପୋକଜୋକ କାମୁଡିବା ଦ୍ୱାରା କଦମ୍ବଛାଲି ଏବଂ ପତ୍ରର ରସ ମିଶାଇ ଦଂଶନ ବା କାମୁଡ଼ା ସ୍ଥାନରେ ମାଠି କରି ଲଗାଇବା ଦ୍ୱାରା ବିଷ ହରଣ ହୋଇଥାଏ ।

କଦମ୍ବ ଫୁଲ ଏବଂ ଫଳର ରସ ସେବନ ଦ୍ୱାରା ଶରୀରର ଦୁର୍ବଳତା ଦୂର ହୁଏ ।

ମଧୁମେହ ରୋଗୀଙ୍କ ପାଇଁ କଦମ୍ବର ମଞ୍ଜି ଇନସୁଲିନ୍ ପରି କାର୍ଯ୍ୟ କରିଥାଏ । ଏହା ଶର୍କରାର ସ୍ତରକୁ ତୁରନ୍ତ ନିୟନ୍ତ୍ରିତ କରିଥାଏ । ଏହାର ଫଳ, ପତ୍ର ଏବଂ ଛାଲି ମଧ ମଧୁମେହ ରୋଗୀଙ୍କ ପାଇଁ ଉପକାରୀ ।

ପରିସ୍ରାରେ ଜ୍ୱଳନ ତଥା ପରିସ୍ରା ସମ୍ବନ୍ଧୀୟ ଅନ୍ୟାନ୍ୟ ବିକାରକୁ ଏହା ଦୂର କରିଥାଏ । କଦମ୍ବର ମୂଳକୁ ଭଲ ଭାବେ ବାଟି ଗୋଟିଏ ଗ୍ଲାସ ପାଣି ମିଶାଇ ତାକୁ ଧୀର ନିଆଁରେ ବସାଇ କାଢ଼ା ପ୍ରସ୍ତୁତ କରନ୍ତୁ । ଏକ କପ୍ ଲେଖାଁ ଏହାର ସେବନ କରିବା ଦ୍ୱାରା ବିକାର ଦୂର ହୁଏ । ସବୁପରେ ଉପଯୁକ୍ତ ବୈଦ୍ୟଙ୍କ ପରାମର୍ଶରେ ଏହାର ସୁଫଳ ଆପଣମାନେ ପାଇପାରିବେ ।

ହୃଦରୋଗୀଙ୍କ ପାଇଁ ଭଲ ତରଭୁଜ ମଞ୍ଜି

ତରଭୁଜ ତ ଅନେକ ଲୋକଙ୍କର ପ୍ରିୟ ଫଳ । ଏହି ଫଳ ଯେତିକି ସ୍ୱାଦିଷ୍ଟ ଓ ଉପକାରୀ, ଏହାର ମଞ୍ଜି ମଧ ସେତିକି ଉପକାରୀ । ତରଭୁଜ ମଞ୍ଜିରେ ମ୍ୟାଗ୍ନେସିୟମ ଭରପୁର ମାତ୍ରାରେ ରହିଥିବାରୁ ଏହା ହୃଦୟକୁ ସୁସ୍ଥ ରଖେ ଓ କାର୍ଯ୍ୟକ୍ଷମ କରାଇଥାଏ । ଏଥି ସହିତ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ଓ ପାଚନଶକ୍ତି ବୃଦ୍ଧି କରିଥାଏ । ତରଭୁଜ ମଞ୍ଜିକୁ ସିଝାଇ ଖାଇବା ଉଚିତ । ତରଭୁଜ ମଞ୍ଜିରୁ ପ୍ରସ୍ତୁତ ଚା' କିଡନୀରେ ପଥର ହୋଇଥିବା ରୋଗୀଙ୍କ ପାଇଁ ଅମୋଘ ଔଷଧ । ସେହିଭଳି ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ ତରଭୁଜ ମଞ୍ଜିର ଚା' ଅତ୍ୟନ୍ତ ଉପକାରୀ । ଚାରି ଚାମଚ ତରଭୁଜ ମଞ୍ଜିକୁ ଭଲଭାବେ ଧୋଇ ଦୁଇ ଲିଟର ପାଣିରେ ସିଝାନ୍ତୁ । କିଛି ସମୟ ସିଝିଲା ପରେ ଏହାକୁ ଛାଣି ଚା' ପରି ପିଅନ୍ତୁ । ଦୁଇଦିନ ପିଇଲା ପରେ ଦିନେ ଛାଡ଼ି ଦିଅନ୍ତୁ ଓ ପୁଣିଥରେ ଦୁଇଦିନ ପିଅନ୍ତୁ । ଏହିଭଳି ଲଗାତାର କିଛିଦିନ କଲେ ଏହାର ଚମତ୍କାରିତା ଅନୁଭବ କରିପାରିବେ ।

ଆପଣ ଜାଣନ୍ତି କି ?

- ⇨ ୨୦୧୬ ରୁ କାମ୍ବୋଡିଆ ଦେଶରେ ବାଘ ନିଶ୍ଚିହ୍ନ ହୋଇ ଯାଇଛନ୍ତି ।
- ⇨ ବିଶ୍ୱର ଏକମାତ୍ର ଦେଶ ଭାରତ, ଯାହାର ଜାତୀୟ ପ୍ରାଣୀ ହେଉଛି ବାଘ ।
- ⇨ ବାଘ ନିଜ ଶିକାରର ମାତ୍ର ୧୦ ପ୍ରତିଶତ ସଫଳତା ପାଇଥାଏ । ହରିଣ, ଜେବ୍ରା ପରି ଶିକାରମାନେ ବାଘକୁ ଚକ୍‌ମା ଦେଖାଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରନ୍ତି ।
- ⇨ ଦିନ ଅପେକ୍ଷା ରାତିରେ ଶିକାର କରିବାକୁ ବାଘମାନେ ପସନ୍ଦ କରିଥାନ୍ତି । ରାତିରେ ସେମାନଙ୍କ ଦୃଷ୍ଟିଶକ୍ତି ମନୁଷ୍ୟଠାରୁ ୬ ଗୁଣ ଉନ୍ନତ ।
- ⇨ ଅନ୍ତର୍ଜାତୀୟ ବଜାରରେ ଏକ ମଲା ପୁରୁଷ ବାଘର ଦାମ ପ୍ରାୟ ୧୦ ହଜାର ଆମେରିକୀୟ ଡଲାର ବା ୬,୪୬,୫୧୨ ଟଙ୍କା ।
- ⇨ ବାଘ ଓ ସିଂହୀ ବା ସିଂହ ଓ ବାଘୁଣୀର ସଂଗମରେ ଯଦି ଅଣ୍ଡିରା ପିଲା ହୁଏ ତାକୁ ଟାଇଗନ୍ସ ଓ ମାଈ ପିଲାକୁ ଲାଇଜର୍ସ କୁହାଯାଏ ।
- ⇨ ବାଘ ଦୈନିକ ପ୍ରାୟ ୨୭ କିଲୋ ମାଂସ ଖାଇବା ପରେ ସନ୍ତୁଷ୍ଟ ହୋଇଥାଏ ।
- ⇨ ଜଙ୍ଗଲରେ ଥିବା ବାଘର ହାରାହାରି ଜୀବିତ ସମୟ ହେଉଛି ୧୦ ବର୍ଷ । ସେହିପରି ଚିଡ଼ିଆଖାନାରେ ରହୁଥିବା ବାଘ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରନ୍ତି ।
- ⇨ ୧୮୦୦ ଖ୍ରୀ.ଅରୁ ୨୦୦୯ ପର୍ଯ୍ୟନ୍ତ ବିଶ୍ୱରେ ବାଘମାନଙ୍କ ଆକ୍ରମଣରେ ୩,୩୭,୦୦୦ ଜନସାଧାରଣଙ୍କ ମୃତ୍ୟୁ ଘଟିଛି ।
- ⇨ ପ୍ରତ୍ୟେକ ଦଶ ହଜାର ସାଧାରଣ ବାଘଙ୍କ ମଧରେ ମାତ୍ର ଗୋଟିଏ ବାଘ ଠାରେ ଧଳା ବାଘର ଏକ ଜିନ ଦେଖିବାକୁ ମିଳେ ।

କହିପାରିବେ କି ?

(୧) ମଣିଷ ଶରୀରରେ କେତୋଟି ଫୁସ୍‌ଫୁସ୍ ରହିଛି ?
(୨) ଆମକୁ ପୃଥିବୀରେ ଧରି ରଖିଥିବା ଶକ୍ତିର ନାମ କ'ଣ ?
(୩) ବିଦ୍ୟୁତ ଶକ୍ତି କ୍ଷେତ୍ରରେ ଏସି କହିଲେ କ'ଣ ବୁଝାଯାଏ ?
(୪) ନଡିଆ ଗଛ ଶୀତଳ ନା ଉଷ୍ମ ଜଳବାୟୁରେ ଭଲ ବଢ଼ିପାରେ ?
(୫) ପ୍ରସିଦ୍ଧ ଉପନ୍ୟାସ ଗୀତାଞ୍ଜଳିର ରଚୟିତା କିଏ ?
(୬) ପ୍ରସିଦ୍ଧ ଓଡ଼ିଆ ଉପନ୍ୟାସ ମାଟିମଟାଳ ଲେଖକ କିଏ ?
(୭) ବଙ୍ଗାଳୀ ଭାଷାରେ ରଚିତ ପ୍ରସିଦ୍ଧ ନାଟକ ଚରିତ୍ର ହୀନର ଲେଖକ କିଏ ?
(୮) ଗ୍ରାମଫୋନ୍ ରେକର୍ଡ ପ୍ରସ୍ତୁତ କର୍ତ୍ତା ଏଚ୍.ଏମ୍.ଭିର ସଂପୂର୍ଣ୍ଣ ନାମ କ'ଣ ?
(୯) ଦିଲ୍ଲୀ ସ୍ଥିତ ଇନ୍ଦିରାଗାନ୍ଧୀ ଅର୍ନ୍ତରାଷ୍ଟ୍ରୀୟ ବିମାନ ବନ୍ଦରର ପୂର୍ବତନ ନାମ କ'ଣ ଅଟେ ?
(୧୦) କଲିକତାସ୍ଥିତ ପୋତାଶ୍ରୟ (ବୁଡ଼ା ଜାହାଜ ବନ୍ଦର)ର ନାମ କ'ଣ ଅଟେ ?

JUMBLE WORDS

1) NREYDT =
2) LAVSUI =
3) BFAEL =
4) SYHUK =
5) LISIEM =
6) YRNCOA =
7) ORHEV =
8) TUYIN =
9) CNLEPI =
10) FBUTEF =

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-

୧.କାସ୍ପିଆନ୍ ସାଗର, ୨. ଚୀନ୍‌ର ଜିନ୍‌ପିଙ୍ଗ ଡ୍ୟାମ, ୩.ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍‌ଡ଼ା, ୪.ଗୁଜରାଟ, ୫.ଜାତୀୟ ରାଜପଥ୍ (ବନାରସରୁ କନ୍ୟାକୁମାରୀ ଯାଏ- ୨,୩୬୯ କି.ମି ବ୍ୟାପ୍ତ), ୬.ଟାଇଟାନ୍, ୭.ମଙ୍ଗଳ, ୮.୦ ଡିଗ୍ରୀ ସେଲ୍‌ସିୟସ୍, ୯.ମାରିଆନା ଟ୍ରେଞ୍ଚ, ୧୦. ୭, ୬, ମର୍କ୍ୟୁରୀ ।

Jumble Words ର ଉତ୍ତର **:-**

(1) HUMAN (2) HUBBY (3) OCCUPY (4) CAUGHT (5) RIGID (6) GECKO (7) ENTICE (8) CAVITY (9) CRAZE (10) THEME

ସର୍ବଦୋଷ ନାଶ ନିମନ୍ତେ...

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ଲୋଟା ମଧ୍ୟ ବ୍ୟବହାର କରାଯାଇ ପାରିବ ।

ରୂଦ୍ରାଭିଷେକରୁ ଲାଭ -

ଶିବ ପୁରାଣ ଅନୁସାରେ କେଉଁ ଦ୍ରବ୍ୟରେ ଅଭିଷେକ କଲେ କ'ଣ ଫଳ ମିଳେ ଅର୍ଥାତ୍ ଆପଣ ଯେଉଁ ଉଦ୍ଦେଶ୍ୟ ପୂରଣ ହେତୁ ରୂଦ୍ରାଭିଷେକ କରାଉଛନ୍ତି ସେଥିପାଇଁ କେଉଁ ଦ୍ରବ୍ୟ ବ୍ୟବହାର କରିବା କଥା ସେ ବିଷୟରେ ଉଲ୍ଲେଖ କରାଯାଇଛି । ରୂଦ୍ରାଭିଷେକରେ ଅନେକ ପଦାର୍ଥର ବ୍ୟବହାର କରାଯାଇପାରେ ଏବଂ ପ୍ରତ୍ୟେକ ପଦାର୍ଥରେ କରାଯାଇଥିବା ରୂଦ୍ରାଭିଷେକ ଭିନ୍ନ ଭିନ୍ନ ପ୍ରକାରର ଫଳ ଦେବାରେ ସକ୍ଷମ ହୋଇଥାଏ ଯାହା ନିମ୍ନ ପ୍ରକାର ଅଟେ ।

ଶ୍ଳୋକ

ଜଲେନ ୱୃଷ୍ଟିମାପ୍ନୋତି ୱ୍ୟାଧିଶାନ୍ତୌ
କୁଶୋଦକୈ
ଦଘ୍ନା ଚ ପଶୁକାମାୟ ଶ୍ରିୟା
ଇକ୍ଷୁରସେନ ୱୈ ।
ମଧ୍ୱାଜ୍ଯେନ ଧନାର୍ଥୀ
ସ୍ୟାନ୍ମୁମୁକ୍ଷୁସ୍ତୀର୍ଥୱାରିଣା ।
ପୁତ୍ରାର୍ଥୀ ପୁତ୍ରମାପ୍ନୋତି ପୟସା
ଚାଭିଷେଚନାତ ।
ବନ୍ଧ୍ୟା ୱା କାକବନ୍ଧ୍ୟା ୱା ମୃତବତ୍ସା
ୟାଂଗନା ।
ଜୱରପ୍ରକୋଶାଂତ୍ୟର୍ଥମ୍ ଜଲଧାରା
ଶିୱପ୍ରିୟା ।
ଘୃତଧାରା ଶିୱେ କାର୍ୟ୍ୟା
ୟାୱନ୍ମନ୍ତ୍ରସହସ୍ରକମ୍ ।
ତଦା ୱଂଶସ୍ୟୱିସ୍ତାରୋ ଜାୟତେ
ନାତ୍ର ସଂଶୟଃ ।
ପ୍ରମେହ ରୋଗ ଶାଂତ୍ୟର୍ଥମ୍
ପ୍ରାପ୍ନୁୟାତ ମାଂସେପ୍ସିତମ୍ ।
କେୱଲଂ ଦୁଗ୍ଧଧାରା ଚ ୱଦା କାର୍ୟା
ୱିଶେଷତଃ ।
ଶର୍କରା ମିଶ୍ରିତା ତତ୍ର ୟଦା
ବୁଦ୍ଧିର୍ଜଡା ଭୱେତ୍ ।
ଶ୍ରେଷ୍ଠା ବୁଦ୍ଧିର୍ଭୱେତସ୍ୟ କୃପୟା
ଶଙ୍କରସ୍ୟ ଚ !!
ସାର୍ଷପେନୈୱ ତୈଲେନ
ଶତ୍ରୁନାଶୋ ଭୱେଦିହ !
ପାପକ୍ଷୟାର୍ଥୀ ମଧୁନା ନିର୍ୱ୍ୟାଧିଃ
ସର୍ପିଷା ତଥା ।
ଜୀୱନାର୍ଥୀ ତୁ ପୟସା
ଶ୍ରୀକାମୀକ୍ଷୁରସେନ ୱୈ ।
ପୁତ୍ରାର୍ଥୀ ଶର୍କରାୟାସ୍ତୁ
ରସେନାର୍ଚେତିଚ୍ଛୱଂ ତଥା ।
ମହଲିଙ୍ଗାଭିଷେକେନ ସୁପ୍ରୀତଃ
ଶଂକରୋ ମୁଦା ।
କୁର୍ୟାଦ୍ୱିଧାନ ରୂଦ୍ରାଣାଂ
ୟଜୁର୍ବେଦ୍ୱିନିର୍ମିତମ୍ ।

ଅର୍ଥାତ୍

ଜଳରେ ଅଭିଷେକ କରିବା ଦ୍ୱାରା ବର୍ଷା ହୋଇଥାଏ ।

କୁଶ ଜଳରେ ଅଭିଷେକ କରିବା ଦ୍ୱାରା ରୋଗ, ଦୁଃଖରୁ ମୁକ୍ତି ମିଳେ ।

ଦହିରେ ଅଭିଷେକ କରିବା ଦ୍ୱାରା ପଶୁ, ଭବନ ତଥା ବାହନର ପ୍ରାପ୍ତି ହୋଇଥାଏ ।

ଆଖୁ ରସରେ ଅଭିଷେକ କରିବା ଦ୍ୱାରା ଲକ୍ଷ୍ମୀ ପ୍ରାପ୍ତି ହୋଇଥାଏ ।

ମହୁ ମିଶ୍ରିତ ଜଳରେ ଅଭିଷେକ କରିବା ଦ୍ୱାରା ଧନ ବୃଦ୍ଧି ହୋଇଥାଏ ।

ତୀର୍ଥ ଜଳରେ ଅଭିଷେକ କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ ।

ଅତର ମିଶ୍ରିତ ଜଳରେ ଅଭିଷେକ କରିବା ଦ୍ୱାରା ବ୍ୟାଧି ଦୂର ହୋଇଥାଏ ।

ଦୁଗ୍ଧରେ ଅଭିଷେକ କରିବା ଦ୍ୱାରା ପୁତ୍ର ପ୍ରାପ୍ତି, ପ୍ରମେହ ରୋଗ ଶାନ୍ତି ତଥା ମନୋକାମନା ପୂରଣ ହୋଇଥାଏ ।

ଗଙ୍ଗାଜଳରେ ଅଭିଷେକ କରିବା ଦ୍ୱାରା ଜ୍ୱର ଠିକ୍ ହୋଇଯାଏ ।

ଦୁଗ୍ଧ ଏବଂ ଶର୍କରା ମିଶ୍ରଣରେ ଅଭିଷେକ କରିବା ଦ୍ୱାରା ସଦ୍‌ବୁଦ୍ଧି ପ୍ରାପ୍ତି ହୁଏ ।

ଘିଅରେ ଅଭିଷେକ କରିବା ଦ୍ୱାରା ବଂଶ ବିସ୍ତାର ହୋଇଥାଏ ।

ସୋରିଷ ତେଲରେ ଅଭିଷେକ କରିବା ଦ୍ୱାରା ରୋଗ ତଥା ଶତ୍ରୁନାଶ ହୋଇଥାଏ ।

ଶୁଦ୍ଧ ମହୁରେ ରୂଦ୍ରାଭିଷେକ କରିବା ଦ୍ୱାରା ପାପକ୍ଷୟ ହୋଇଥାଏ ।

ଏହି ପ୍ରକାରେ ଶିବଙ୍କର ରୂଦ୍ରରୂପର ପୂଜା ଆଉ ଅଭିଷେକ କଲେ ଜ୍ଞାତ ଅବା ଅଜ୍ଞାତସାରରେ ହୋଇଥିବା ସମସ୍ତ ପାପାଚରଣରୁ ଭକ୍ତମାନଙ୍କୁ ଶୀଘ୍ର ମୁକ୍ତି ମିଳେ ଏବଂ ସାଧକ ପାଖରେ ଶିବତ୍ୱ ରୂପୀ ସତ୍ୟମ୍ ଶିବମ୍ ସୁନ୍ଦରମ୍‌ର ଉଦୟ ହୋଇଥାଏ । ଶିବଙ୍କର କୃପାରୁ ସମୃଦ୍ଧି, ଧନଧାନ୍ୟ, ବିଦ୍ୟା ଏବଂ ସନ୍ତାନ ପ୍ରାପ୍ତି ହୋଇଥାଏ ।

ରୂଦ୍ରାଭିଷେକର ବିଧି -

୧) ଜଳାଭିଷେକ - ସମସ୍ତ ଦୁଃଖରୁ ମୁକ୍ତି ପାଇବା ନିମନ୍ତେ ଭଗବାନ ଶିବଙ୍କର ଜଳରେ ଅଭିଷେକ କରନ୍ତୁ ।

ସର୍ବ ପ୍ରଥମେ ଭଗବାନ ଶିବଙ୍କର 'ବାଳ ସ୍ୱରୂପ'ର ମାନସିକ ଧ୍ୟାନ କରନ୍ତୁ । ତତ୍ପଶ୍ଚାତ୍ ତମ୍ବା ଛଡ଼ା ଅନ୍ୟ କୌଣସି ପାତ୍ର ବିଶେଷକରି ରୂପାର ପାତ୍ରରେ ଶୁଦ୍ଧ ଜଳ ଭରି ପାତ୍ର ଉପରେ କୁଂକୁମର ତିଳକ କରନ୍ତୁ, 'ଓଁ ଇନ୍ଦ୍ରାୟ ନମଃ' ଜପ କରି ପାତ୍ରରେ ମୌଳି ବାନ୍ଧନ୍ତୁ, ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ଅବସ୍ଥାରେ ପୁଷ୍ପ ଅର୍ପଣ କରନ୍ତୁ । ଶିବଲିଙ୍ଗ ଉପରେ ଜଳର ସରୁ ଧାର କରି ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ତ୍ରିଲୋକୀନାଥାୟା ସ୍ୱାହା' ମନ୍ତ୍ର ଜପ କରନ୍ତୁ, ଶିବ ଲିଙ୍ଗକୁ ବସ୍ତ୍ରରେ ଭଲ ଭାବରେ ପୋଛି ସଫା କରନ୍ତୁ ।

୨) କ୍ଷୀରାଭିଷେକ - ଶିବଙ୍କୁ ପ୍ରସନ୍ନ କରି ତାଙ୍କ ଆଶୀର୍ବାଦ ପ୍ରାପ୍ତି ନିମନ୍ତେ କ୍ଷୀରରେ ଅଭିଷେକ କରନ୍ତୁ ।

ଭଗବାନ ଶିବଙ୍କର 'ପ୍ରକାଶମୟ ସ୍ୱରୂପ'କୁ ମାନସିକ ଧ୍ୟାନ କରନ୍ତୁ । ଅଭିଷେକ ନିମନ୍ତେ ତମ୍ବା ନିର୍ମିତ ବାସନ ଛାଡ଼ି ଅନ୍ୟ ଯେ କୌଣସି ଧାତୁର ବାସନ ଉପଯୋଗ କରିବା ଉଚିତ । ବିଶେଷ କରି ତମ୍ବାର ବାସନରେ କ୍ଷୀର, ଦହି ଓ ପଞ୍ଚାମୃତ ଆଦି ରଖିବା ଉଚିତ ନୁହେଁ । ଏହା କଲେ ଏସବୁ ସୁରାରେ ପରିଣତ ହୋଇଯାଏ । ତମ୍ବା ପାତ୍ର ଜଳାଭିଷେକ ହୋଇପାରିବ ମାତ୍ର ତମ୍ବା ପାତ୍ରରେ କ୍ଷୀର ଅଭିଷେକ କରିବା ବର୍ଜିତ ଅଟେ । କାହିଁକି ନା ତମ୍ବା ପାତ୍ରରେ କ୍ଷୀର ରଖି ତାକୁ ଭଗବାନ ଶଙ୍କରଙ୍କୁ ଅର୍ପଣ କଲେ ତାଙ୍କୁ ଅଜାଣତରେ ବିଷ ଅର୍ପଣ କରିବା ସଦୃଶ ହୋଇଯିବ । ପାତ୍ରରେ କ୍ଷୀର ଭରି ପାତ୍ରର ଚାରିପଟରେ କୁଙ୍କୁମର ତିଳକ କରନ୍ତୁ, 'ଓଁ ଶ୍ରୀ କାମଧେନୱେ ନମଃ' ଜପ କରୁଥିବା ଅବସ୍ଥାରେ ପାତ୍ରରେ ମୌଳି ବାନ୍ଧନ୍ତୁ, ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ଅବସ୍ଥାରେ ପୁଷ୍ପ ଅର୍ପଣ କରନ୍ତୁ । ଶିବଲିଙ୍ଗ ଉପରେ କ୍ଷୀରର ପତଳା ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ସକଲ ଲୋକୈକ ଗୁରୁର୍ୱୈ ନମଃ' ମନ୍ତ୍ର ଜପ କରନ୍ତୁ । ଶିବଲିଙ୍ଗକୁ ସଫା ଜଳରେ ଧୋଇ ବସ୍ତ୍ରରେ ଭଲ ଭାବରେ ପୋଛି ଦିଅନ୍ତୁ ।

୩) ଫଳ ରସରେ ଅଭିଷେକ - ଅଖଣ୍ଡ ଧନ ଲାଭ ଅଥବା ସମସ୍ତ ପ୍ରକାରର ଋଣରୁ ମୁକ୍ତି ନିମନ୍ତେ ଭଗବାନ ଶିବଙ୍କୁ ଫଳ ରସରେ ଅଭିଷେକ କରନ୍ତୁ ।

ଭଗବାନ ଶିବଙ୍କର 'ନୀଳକଣ୍ଠ' ସ୍ୱରୂପର ମାନସିକ ଧ୍ୟାନ କରନ୍ତୁ । ତମ୍ବା ପାତ୍ରରେ ଆଖୁରସ ଭରି ପାତ୍ରର ଚାରି ପାଖରେ କୁଙ୍କୁମର ତିଳକ କରନ୍ତୁ, 'ଓଁ କୁବେରାୟ ନମଃ' ଜପ କରୁଥିବା ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ, ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କଲାବେଳେ ପୁଷ୍ପ ଅର୍ପଣ କରନ୍ତୁ । ଶିବଲିଙ୍ଗ ଉପରେ ଫଳରସର ପତଳା ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ହ୍ରୁଂ ନୀଳକଣ୍ଠାୟ ସ୍ୱାହା' ମନ୍ତ୍ର ଜପ କରନ୍ତୁ । ଶିବଲିଙ୍ଗକୁ ସ୍ୱଚ୍ଛ ଜଳରେ ମଧ୍ୟ ଅଭିଷେକ କରନ୍ତୁ ।

୪) ସୋରିଷ ତେଲରେ ଅଭିଷେକ - ଗ୍ରହବାଧା ନାଶ କରିବା ନିମନ୍ତେ ଭଗବାନ ଶିବଙ୍କର ସୋରିଷ ତେଲରେ ଅଭିଷେକ କରନ୍ତୁ ।

ଭଗବାନ ଶିବଙ୍କୁ 'ପ୍ରଳୟଙ୍କର' ସ୍ୱରୂପକୁ ମାନସିକ ଧ୍ୟାନ କରନ୍ତୁ । ତମ୍ବା ପାତ୍ରରେ ସୋରିଷ ତେଲ ଭରି ପାତ୍ରର ଚାରି ପାଖରେ କୁଙ୍କୁମର ତିଳକ କରନ୍ତୁ । 'ଓଁ ଭଂ ଭୈରବାୟ ନମଃ' ଜପ କରିବା ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ । ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ଅବସ୍ଥାରେ ଫୁଲ ଅର୍ପଣ କରନ୍ତୁ । ଶିବଲିଙ୍ଗରେ ସୋରିଷ ତେଲର ପତଳା ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କରିବା ବେଳେ 'ଓଁ ନାଥ ନାଥାୟ ନାଥାୟ ସ୍ୱାହା' ମନ୍ତ୍ର ଜପ କରନ୍ତୁ । ଶିବଲିଙ୍ଗକୁ ସଫା ଜଳରେ ଡୋଇ ବସ୍ତ୍ରରେ ଭଲ ଭାବରେ ପୋଛି ସଫା କରିଦିଅନ୍ତୁ ।

୫) ଚଣାଡାଲିରେ ଅଭିଷେକ - କୌଣସି ଶୁଭ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କିମ୍ବା କାର୍ଯ୍ୟରେ ଉନ୍ନତି ନିମନ୍ତେ ଚଣାଡାଲିରେ ଭଗବାନ ଶିବଙ୍କର ଅଭିଷେକ କରନ୍ତୁ ।

ଭଗବାନ ଶିବଙ୍କର 'ସମାଧି ସ୍ଥିତ' ସ୍ୱରୂପକୁ ମାନସିକ ଧ୍ୟାନ କରନ୍ତୁ । ତମ୍ବାପାତ୍ରରେ ଚଣାଡାଲି ଭର୍ତ୍ତିକରି ପାତ୍ରର ଚାରିପାଖରେ କୁଙ୍କୁମର ତିଳକ କରନ୍ତୁ । 'ଓଁ ଯକ୍ଷନାଥାୟ ନମଃ'ର ଜପ କରୁଥିବା ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ, ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କଲାବେଳେ କିଛି ଫୁଲ ଅର୍ପଣ କରନ୍ତୁ । ଶିବଲିଙ୍ଗରେ ଚଣାଡାଲିର ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ଶଂ ଶମ୍ଭୱାୟ ନମଃ' ମନ୍ତ୍ର ଜପ କରନ୍ତୁ । ଶିବଲିଙ୍ଗକୁ ସଫା ଜଳରେ ଧୋଇ ବସ୍ତ୍ରରେ ଭଲ ଭାବରେ ପୋଛି ସଫା କରିଦିଅନ୍ତୁ ।

୬) କଳା ତିଳରେ ଅଭିଷେକ - ତନ୍ତ୍ର ବାଧା ଦୂର ତଥା କୁଦୃଷ୍ଟିରୁ ରକ୍ଷା କରିବା ନିମନ୍ତେ କଳା ତିଳରେ ଅଭିଷେକ କରନ୍ତୁ ।

ସର୍ବ ପ୍ରଥମେ ଭଗବାନ ଶିବଙ୍କର 'ନୀଳବର୍ଣ୍ଣ' ସ୍ୱରୂପର ମାନସିକ ଧ୍ୟାନ କରନ୍ତୁ । ତମ୍ବା ପାତ୍ରରେ କଳା ତିଳ ଭର୍ତ୍ତିକରି ପାତ୍ରର ଚାରିପାଖରେ କୁଙ୍କୁମର ତିଳକ କରନ୍ତୁ । 'ଓଁ ହୁଂ କାଳେଶ୍ୱରାୟ ନମଃ'ର ଜପ ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ । ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ବେଳେ ଫୁଲର କିଛି ପାଖୁଡ଼ା ଅର୍ପଣ କରନ୍ତୁ, ଶିବଲିଙ୍ଗ ଉପରେ କଳା ତିଳର ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ କ୍ଷୌଂ ହ୍ରୌଂ ହୁଂ ଶିୱାୟ ନମଃ' ଜପ କରନ୍ତୁ । ଶିବଲିଙ୍ଗକୁ ସଫା ଜଳରେ ଧୋଇ ବସ୍ତ୍ରରେ ଭଲ ଭାବରେ ପୋଛି ସଫା କରିଦିଅନ୍ତୁ ।

୭) ମହୁ ମିଶ୍ରିତ ଗଙ୍ଗା ଜଳରେ ଅଭିଷେକ - ସନ୍ତାନ ପ୍ରାପ୍ତି ଏବଂ ପାରିବାରିକ ସୁଖ ଶାନ୍ତି ନିମନ୍ତେ ମହୁ ମିଶ୍ରିତ ଗଙ୍ଗା ଜଳରେ ଅଭିଷେକ କରନ୍ତୁ ।

ସର୍ବ ପ୍ରଥମେ ଭଗବାନ ଶିବଙ୍କର 'ଚନ୍ଦ୍ରମୌଳେଶ୍ୱର' ସ୍ୱରୂପର ମାନସିକ ଧ୍ୟାନ କରନ୍ତୁ । ତମ୍ବା ପାତ୍ରରେ ମହୁ ମିଶ୍ରିତ ଗଙ୍ଗାଜଳ ଭରି ପାତ୍ରର ଚାରିପାଖରେ କୁଙ୍କୁମର ତିଳକ କରନ୍ତୁ । 'ଓଁ ଚନ୍ଦ୍ରମଶେ ନମଃ' ଜପ କରିବା ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ । ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ବେଳେ ପୁଷ୍ପ ଅର୍ପଣ କରନ୍ତୁ । ଶିବଲିଙ୍ଗ ଉପରେ ମହୁ ମିଶ୍ରିତ ଗଙ୍ଗାଜଳର ସରୁ ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ୱଂ ଚନ୍ଦ୍ରମୌଳେଶ୍ୱରାୟ ନମଃ' ଜପ କରନ୍ତୁ । ଶିବଲିଙ୍ଗକୁ ସଫା ଜଳରେ ଧୋଇ ବସ୍ତ୍ରରେ ଭଲ ଭାବରେ ପୋଛି ସଫା କରିଦିଅନ୍ତୁ ।

୮) ଘିଅ ଏବଂ ମହୁରେ ଅଭିଷେକ - ବ୍ୟାଧି ନାଶ ନିମନ୍ତେ ଏବଂ ଦୀର୍ଘାୟୁ ନିମନ୍ତେ ଘିଅ ଏବଂ ମହୁରେ ଅଭିଷେକ କରନ୍ତୁ ।

ଏଥି ନିମନ୍ତେ ସର୍ବ ପ୍ରଥମେ ଭଗବାନ ଶିବଙ୍କର 'ତ୍ରୟମ୍ବକ' ସ୍ୱରୂପର ମାନସିକ ଧ୍ୟାନ କରନ୍ତୁ । ତମ୍ବା ପାତ୍ରରେ ଘିଅ ଏବଂ ମହୁ ଭରି ପାତ୍ରର ଚାରିପାଖରେ କୁଙ୍କୁମର ତିଳକ କରନ୍ତୁ । 'ଓଁ ଧନ୍ୱନ୍ତରୟୈ ନମଃ' ଜପ କରିବା ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ । ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ବେଳେ ଫୁଲର କିଛି ପାଖୁଡ଼ା ଅର୍ପଣ କରନ୍ତୁ । ଶିବଲିଙ୍ଗ ଉପରେ ଘିଅ ଏବଂ ମହୁର ସରୁ ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ହ୍ରୌଂ ଜୂଂ ସଃ ତ୍ରୟମ୍ବକାୟ ସ୍ୱାହା' ଜପ କରନ୍ତୁ । ଶିବଲିଙ୍ଗକୁ ସଫା ଜଳରେ ଧୋଇ ବସ୍ତ୍ରରେ ଭଲ ଭାବରେ ପୋଛି ସଫା କରିଦିଅନ୍ତୁ ।

୯) କୁଙ୍କୁମ କେଶର ମିଶ୍ରିତ ଜଳରେ ଅଭିଷେକ - ଆକର୍ଷଣୀୟ ବ୍ୟକ୍ତିତ୍ୱ ପ୍ରାପ୍ତି ନିମନ୍ତେ ଭଗବାନ ଶିବଙ୍କର କୁଙ୍କୁମ କେଶର ମିଶ୍ରିତ ଜଳରେ ଅଭିଷେକ କରନ୍ତୁ ।

ସର୍ବ ପ୍ରଥମେ ଭଗବାନ ଶିବଙ୍କର 'ନୀଳକଣ୍ଠ' ସ୍ୱରୂପର ମାନସିକ ଧ୍ୟାନ କରନ୍ତୁ । ରୂପା କିମ୍ବା ଷ୍ଟିଲ ପାତ୍ରରେ କୁଙ୍କୁମ, କେଶର ଏବଂ ପଞ୍ଚାମୃତ ଭରି ପାତ୍ରର ଚାରିପାଖରେ କୁଙ୍କୁମର ତିଳକ କରନ୍ତୁ । 'ଓଁ ଉମାୟୈ ନମଃ' ଜପ କରିବା ବେଳେ ପାତ୍ରରେ ମୌଳି ବାନ୍ଧନ୍ତୁ । ପଞ୍ଚାକ୍ଷରୀ ମନ୍ତ୍ର 'ଓଁ ନମଃ ଶିବାୟ' ଜପ କରୁଥିବା ବେଳେ ଫୁଲର କିଛି ପାଖୁଡ଼ା ଅର୍ପଣ କରନ୍ତୁ । ଶିବଲିଙ୍ଗ ଉପରେ ଘିଅ ଏବଂ ମହୁର ସରୁ ଧାର ପକାଇ ରୂଦ୍ରାଭିଷେକ କରନ୍ତୁ । ଅଭିଷେକ କଲାବେଳେ 'ଓଁ ହ୍ରୌଂ ହ୍ରୌଂ ହ୍ରୌଂ ନୀଳକଣ୍ଠାୟ ସ୍ୱାହା' ଜପ କରନ୍ତୁ । ଶିବଲିଙ୍ଗକୁ ସ୍ୱଚ୍ଛ ଜଳରେ ମଧ୍ୟ ଅଭିଷେକ କରନ୍ତୁ ।

ଅନୁବାଦ - କ୍ଷେତ୍ରମଣି ବିଭାର

କେନ୍ଦ୍ର ସରକାର ୫ ବର୍ଷରେ ବିଜ୍ଞାପନ ବାବଦରେ ଖର୍ଚ୍ଚ କରିଛନ୍ତି ୩୩୩୯ କୋଟି

ନୂଆଦିଲ୍ଲୀ: ଗତ ୫ ବର୍ଷ (୨୦୧୭-୨୨) ରେ କେନ୍ଦ୍ର ସରକାର ବିଜ୍ଞାପନ ବାବଦକୁ ୩୩୩୯ କୋଟିରୁ ଅଧିକ ଟଙ୍କା ଉଭୟ ପ୍ରିଣ୍ଟ (ଖବରକାଗଜ) ଏବଂ ଇଲେକ୍ଟ୍ରୋନିକ୍ (ଟିଭି) ଗଣମାଧମ ଜରିଆରେ ଖର୍ଚ୍ଚ କରିଛନ୍ତି ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି । ସଂସଦର ରାଜ୍ୟ ସଭାରେ ବିରୋଧୀ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଠାକୁର କହିଛନ୍ତି ଯେ, ଏପରିକି କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଏନ୍‌ଡିଏ ସରକାର ୨୦୧୭-୧୮ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧରେ ମଧରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାର ଓ ପ୍ରସାର ବାବଦକୁ ଟଙ୍କା ବ୍ୟୟ କରିଛନ୍ତି । କେନ୍ଦ୍ର ସରକାର ୨୦୧୭-୧୮ରୁ ଚଳିତ ବର୍ଷ ଜୁଲାଇ ୧୨ ପର୍ଯ୍ୟନ୍ତ ଉଭୟ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ଗଣମାଧମରେ ୩,୩୩୯.୪୯ କୋଟି ଟଙ୍କା ବିଜ୍ଞାପନ ବାବଦକୁ ଖର୍ଚ୍ଚ କରିଛନ୍ତି । ବିଗତ ୫ ବର୍ଷ ମଧରେ ବିଶେଷକରି ପ୍ରିଣ୍ଟ ମିଡିଆରେ ୧,୭୫୬,୪୮ କୋଟି ଟଙ୍କା (ସେଣ୍ଟ୍ରାଲ ଏବଂ ଇଲେକ୍ଟ୍ରୋନିକ୍ ମିଡିଆରେ ୧,୫୮୩.୦୧ କୋଟି ଟଙ୍କା ବିଜ୍ଞାପନ ସମ୍ବନ୍ଧୀୟ ଖର୍ଚ୍ଚ କରାଯାଇଛି । ସେହିପରି ଉପରୋକ୍ତ ସମସ୍ତ ଖର୍ଚ୍ଚ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ ଅଫ୍ କମ୍ୟୁନିକେଶନ) ମାଧମରେ ସରକାରଙ୍କ ଦ୍ୱାରା କରାଯାଇଥିଲା ବୋଲି ମନ୍ତ୍ରୀ ଠାକୁର କହିଛନ୍ତି । ଅପରପକ୍ଷରେ ସୂଚନା ଏବଂ ପ୍ରସାରଣ ବିଦେଶୀ ମନ୍ତ୍ରଣାଳୟ ମାଧମରେ ବିଦେଶୀ ଗଣମାଧମରେ ବିଜ୍ଞାପନ ବାବଦରେ ସରକାରଙ୍କର କୌଣସି ମନ୍ତ୍ରଣାଳୟ କିମ୍ବା ବିଭାଗ ଦ୍ୱାରା ଟଙ୍କାଟିଏ ଖର୍ଚ୍ଚ କରି ନ ଥିବା ମନ୍ତ୍ରୀ କହିଛନ୍ତି ।

ରାଜସ୍ୱ କମିଶନରଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ସମ୍ବଲପୁର: ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମୁଖ୍ୟତଃ ଫ୍ଲାଇଓଭର, ଜେଲ ଛକଠାରୁ ଧନୁପାଲି ରାସ୍ତା, ସାକ୍ଷୀପଡାଠାରୁ ଏନ୍‌ଏଚ୍ -୬ ରାସ୍ତା ଆଦି ପ୍ରକଳ୍ପ କାମ ଶୀଘ୍ର ସମ୍ପୂର୍ଣ୍ଣ କଲେ ଲୋକେ ଉପକୃତ ହେବେ ବୋଲି କହିଥିଲେ । ମହାନଗର ନିଗମ ଅଞ୍ଚଳରେ ନିର୍ମାଣାଧୀନ ରାସ୍ତା ଓ ବ୍ରିଜ କାମ ସାରିବା ସହ ଅନ୍ୟ ପ୍ରକଳ୍ପ କାମ ଆଗେଇବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ଆର୍‌ଡିସି ଦଳେଇ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧରେ ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ତହସିଲଦାର ଲକ୍ଷ୍ମଣ ଅମାତ, ଏଲ୍.ଏ.ଓ ଆଦିତ୍ୟ ପଣ୍ଡାଙ୍କ ସମେତ ଆର୍‌ଆଣ୍ଡ ବି ଡିଭିଜନ ୧ ଓ ୨ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଟିପିଡବ୍ଲ୍ୟୁଓଡିଏଲ୍, ଏଲ୍‌ଆଣ୍ଡଟି କମ୍ପାନୀର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଡ଼ିଏଫ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ ।

ଯୋଗଦେଲେ ନୂତନ ଉପଜିଲ୍ଲାପାଳ

ସମ୍ବଲପୁର: ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପ୍ରଭାସ ଡନସନା ସମ୍ବଲପୁର ନୂତନ ସଦର ଉପଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି । ଏହାପୂର୍ବରୁ ସେ ବରଗଡ଼ ଉପଜିଲ୍ଲାପାଳ ତଥା ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସଡିଏ)ର ସଚିବ ଭାବରେ କାର୍ଯ୍ୟରତ ଥିଲେ ।

ଧନକଉଡ଼ାରେ ନୂତନ ବିଡିଓ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ସଦର ବ୍ଲକ ଧନକଉଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ସଂଜୀବ କୁମାର ପଟେଲ ଯୋଗ ଦେଇଛନ୍ତି । ସେ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବିଡିଓ ଭାବେ କାର୍ଯ୍ୟରତ ଥିଲେ । ଅନ୍ୟପଟେ ବିଡିଓ ବସନ୍ତ ହାତୀଙ୍କୁ ଝାରସୁଗୁଡ଼ା ଜିଲ୍ଲାକୁ ତହସିଲଦାର ଭାବେ ବଦଳି ହୋଇଥିବା ଜଣାପଡିଛି ।

ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର: ଟିଟିଲାଗଡ଼ର ସିନିୟର ଗୁଡସ୍ ଟ୍ରେନ ମ୍ୟାନେଜର (ପରିଚାଳନା) ଏସ.ଆର ବେହେରା ଏବଂ ସମ୍ବଲପୁରର ସିନିୟର ଆସିଷ୍ଟାଣ୍ଟ ଲୋକୋ ପାଇଲଟ ଇଲେକ୍ଟ୍ରିକାଲ (ପରିଚାଳନା) ଇନ୍ଦ୍ରଜିତ କୁମାର ସିଂ ନିଜର କର୍ତ୍ତବ୍ୟପରାୟଣତା ପାଇଁ ରେଳବାଇ ପକ୍ଷରୁ ପୁରସ୍କୃତ କରାଯାଇଛି । ନିରାପତ୍ତା ପ୍ରତି ସଜାଗ, ସୁରକ୍ଷିତ ରେଳ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲଭାବେ ଅବଗତ ପାଇଁ ସେମାନେ ସମ୍ମାନିତ ହୋଇଛନ୍ତି । ତାଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର ପ୍ରଦୀପ କୁମାର ପ୍ରମାଣପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଛନ୍ତି । ଏହି ଅବସରରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧ୍ୟାୟ ଏବଂ ବରିଷ୍ଠ ନିରାପତ୍ତା ଅଧିକାରୀ ଶିବବ୍ରତ ଧଳ ଉପସ୍ଥିତ ଥିଲେ ।

ଜେଏନ୍‌ଭିରେ ନୂଆ ସ୍ମାର୍ଟ କ୍ଲାସ୍ ରୁମ୍ ଉଦ୍‌ଘାଟିତ

ସମ୍ବଲପୁର: ଗୋଶାଳା ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ନୂତନ ସ୍ମାର୍ଟ କ୍ଲାସ୍ ରୁମ୍ ଉଦଘାଟିତ ହୋଇଛି । ସାମସଙ୍ଗ୍ କମ୍ପାନି ଦ୍ୱାରା ତିନୋଟି ସ୍ମାର୍ଟ ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି ଓ ୮୦ଟି ଟେବ୍‌ଲେଟ୍ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଦାନ କରାଯାଇଛି । ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଣୀଗୃହ ଉଦ୍‌ଘାନଟ କରିଥିଲେ । ଏଥିସହ ବିଦ୍ୟାଳୟ ସମ୍ମୁଖରେ ନୂତନ ଭାବେ ନିର୍ମିତ କରାଯାଇଥିବା ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିକୁ ମଧ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ ସୁଧାଂଶୁ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ସାମସଙ୍ଗ କମ୍ପାନିର ସିଆର୍‌ଆଇ ଚିଫ୍ ମେନେଜର୍ ସମରେନ୍ଦ୍ର ବେହେରା, ବିଦ୍ୟାଳୟର କମ୍ପ୍ୟୁଟର୍ ଅଧାପକ ଯତୀନ୍ଦ୍ର କୁମାର ରଥ, ଲାଇବ୍ରେରୀ ଇନ୍‌ଚାର୍ଜ ସୁରେଶ କୁମାର ସାହୁ, ପିକେ ଜେନା, ଗଣିତ ଅଧାପିକା ମମତା ରାଣୀ ପଣ୍ଡା, ରୁକ୍ମଣୀ ବେହେରା ପ୍ରମୁଖଙ୍କ ସହ ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଉପାଧକ୍ଷା ନମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

SAMSUNG
Inauguration of Samsung Smart School
Powering Digital India

ଡକ୍ଟର ନବୀନ ସାହୁଙ୍କ ଜନ୍ମ ଶତବାର୍ଷିକୀ ପାଳିତ

ବରଗଡ଼: ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଡକ୍ଟର ନବୀନ କୁମାର ସାହୁଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି । ବିନୋଦାନନ୍ଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି , ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ସାଧୁଚରଣ ପଣ୍ଡା ମୁଖ୍ୟବକ୍ତା ଓ ଡକ୍ଟର ଶୁକମୁନି ମେହେର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଜଣେ ମେଧାବୀ ଛାତ୍ର ଆଗରେ ଦାରିଦ୍ର୍ୟ ବିହାରମାନେ ବୋଲି ମତବ୍ୟକ୍ତ କରିଥିଲେ । ବରପାଲି ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧାପକ କୁମୁଦ ଚରଣ ଦାଶ ପ୍ରାରମ୍ଭିକ ସମ୍ଭାଷଣ, ଅଧାପକ ଉତ୍ତର ଗଡ଼ତିଆ ଅତିଥି ପରିଚୟ ଓ ଅଧାପକ ଅଲେଖ ମହାନନ୍ଦ ଧନ୍ୟବାଦ ଦେଇଥିଲେ ।

ଜିଲ୍ଲାସ୍ତରୀୟ ଆଜାଦୀ କା ଅମୃତ ମହୋତ୍ସବ

ଉଜ୍ଜ୍ୱଳ ଭାରତ
POWER
ଝାରସୁଗୁଡ଼ା

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାରେ ବିଦ୍ୟୁତ୍ ସେବାରେ ଉନ୍ନତି ଆଣିବା ଲକ୍ଷ୍ୟ ରଖି ୨୦ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତି କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ । ଡିଆର୍‌ଡିଏ ପିଡି ତପିରାମ ମାଝି ଅଧକ୍ଷତା କରିବା ସହ ବିଜୁଳି ଶକ୍ତିର ଅଯଥା ଅପଚୟ ନ କରି ସମସ୍ତେ ଶକ୍ତି ସଞ୍ଚୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଜିଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ ବିଦ୍ୟୁତ୍ ଦେଶ ଉନ୍ନତିର ଆଧାର ବୋଲି କହିଥିଲେ । ଦର୍ଲିପାଲିସ୍ଥିତ ଏନଟିପିସିର ଏଜିଏମ୍ ସନ୍ଦୀପ କୁମାର ଦାସ ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧାପିକା ମନ୍ଦାକିନୀ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଓପିଟିସିଏଲ୍ ଡିଜିଏମ୍ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ । ଟିପିଡବ୍ଲ୍ୟୁଓ ନିବାହୀ ଯନ୍ତ୍ରୀ ଆଶିଷ କୁମାର ପଣ୍ଡା, ଏନ୍‌ଟିପିସି ଡିଜିଏମ୍ ସଞ୍ଜିତ କୁମାର ସେନାପତି, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଅଧକ୍ଷ ଡି. ଖୁରା, ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା ପ୍ରମୁଖ ସହଯୋଗ କରିଥିଲେ ।

ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

Subscription Rate of **The Sweekar**

Life Member	-	Rs.5000.00
Annual	-	Rs. 500.00
Half-yearly	-	Rs. 250.00
Quarterly	-	Rs. 120.00

Advertisement Tariff of **The Sweekar**

Full Page	-	Rs. 2,00,000.00
Half Page	-	Rs. 1,00,000.00
Quarter Page	-	Rs. 50,000.00

Colour Advertisement - 100% Extra

31 July - 06 August 2022

ଆଇଆଇଏମ୍ ସମ୍ବଲପୁରର ଅଷ୍ଟମ ବ୍ୟାଚ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର : ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁରର ଅଷ୍ଟମ ବ୍ୟାଚ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ଅବସରରେ ଏକ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ମହାନଦୀ କୋଲ୍ ଫିଲଡସ୍ ଲିମିଟେଡ (ଏମସିଏଲ) ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି ସିଂହ ମୁଖ୍ୟଅତିଥି, ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟ ନିର୍ବାହୀ ଅଧକ୍ଷ ଡ. ଓମକାର ରାୟ ମୁଖ୍ୟବକ୍ତା ଓ ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ମାନବସମ୍ବଳ) ରଞ୍ଜନ କୁମାର ମହାପାତ୍ର ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ । ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇ ଆସନ୍ତା ୫ ବର୍ଷ ମଧ୍ୟରେ ଆଇଆଇଏମ୍ ସମ୍ବଲପୁରଦେଶରେ ଶ୍ରେଷ୍ଠ ୫ ଭିତରେ ରହିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅନୁଷ୍ଠାନ ପକ୍ଷରୁ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଜନଜାତିଙ୍କର ଆୟ କିପରି ଦୁଇ ଗୁଣ ହେବ ସେ ଦିଗରେ ଆଇଆଇଏମ ସ୍ୱତନ୍ତ୍ର କାର୍ଯ୍ୟ ଖସଡା ପ୍ରସ୍ତୁତ କରିଛି ବୋଲି ପ୍ରଫେସର ଶ୍ରୀ ଜୟସ୍ୱାଲ ପ୍ରକାଶ କରିଥିଲେ । ଆଡମିଶନ ବିଭାଗ ଅଧକ୍ଷ ପ୍ରଫେସର ପୁନମ କୁମାର ଓ ପିଜିପି ଅଧକ୍ଷ ପ୍ରଫେସର ମର୍ଲିନ୍ ନନ୍ଦୀ ଅନୁଷ୍ଠାନର ବିବରଣୀ ପ୍ରଦାନ କରିଥିଲେ । ପ୍ଲେସମେଣ୍ଟର ଅଧକ୍ଷ ପ୍ରଫେସର ଦୀପ୍ତିରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ବଲପୁରରେ ମାନବ ଚାଲାଣ ସମ୍ପର୍କିତ କ୍ରାଇମବ୍ରାଞ୍ଚର ଦୁଇଦିନିଆ କର୍ମଶାଳା

CRIME AGAINST WOMEN
ORGANIZED BY

ସମ୍ବଲପୁର : ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧକୁ ରୋକିବା ପାଇଁ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୟୁନିସେଫ୍ ଓ କଲିକତାର ସ୍ୱେଚ୍ଛାସେବୀ ସଙ୍ଗଠନ ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନର ସହଯୋଗ ତଥା କ୍ରାଇମବ୍ରାଞ୍ଚର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ରେଖା ଲୋହାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ ମହିଳା ଓ ଶିଶୁମାନଙ୍କୁ କିପରି ଶୋଷଣ କରାଯାଉଛି ସେଦିଗ ଉପରେ ବିଶେଷ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ସମ୍ବଲପୁର, ବରଗଡ଼, ଝାରସୁଗୁଡା, ଦେବଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, ସୁନ୍ଦରଗଡ଼ ଓ ରାଉରକେଲା ପୁଲିସ ଜିଲ୍ଲାର ସବ ଇନସପେକ୍ଟରଙ୍କଠାରୁ ଆରମ୍ଭ କରି ଅତିରିକ୍ତ ଏସପିଙ୍କ ପର୍ଯ୍ୟନ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ୟୁନିସେଫର ଓଡ଼ିଶା ଶାଖା ମହିଳା ଓ ଶିଶୁ ସୁରକ୍ଷା ସେଲର ମୁଖ୍ୟ ନେହା ନାଇଡୁ, ମୁଖ୍ୟ କ୍ଷେତ୍ର ଅଧିକାରୀ ଡ. ମୋନିକା ନେଲସନ ଓ କୋଲକତାର ସ୍ୱେଚ୍ଛାସେବୀ ସଙ୍ଗଠନ ଇଣ୍ଟନ୍ୟାସନାଲ ଜଷ୍ଟିସ ମିଶନର ସପ୍ତର୍ଶୀ ବିଶ୍ୱାସ ମାନବ ଚାଲାଣ ଓ ଏହାର ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପୁଲିସ ଏଡିଜି ରେଖା ଲୋହାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାର ଉଦଘାଟନ କରିଥିଲେ । ଉତ୍ତରାଞ୍ଚଳ ଆଇଜି ଡା. ଦୀପକ କୁମାର, ସମ୍ବଲପୁର ଆରକ୍ଷୀ ଅଧକ୍ଷକ ବାତୁଲା ଗଙ୍ଗାଧର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

କ୍ଷେତରାଜପୁର ଥାନାରେ ରକ୍ତଦାନ ଶିବିର

VOLUNTARY BLOOD DONATION CAMP
Time : 9.00 ... 30 PM
Gauri

ସମ୍ବଲପୁର : କ୍ଷେତ୍ରରାଜପୁର ଥାନା ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲା ପୁଲିସ୍ ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧର ଉଦଘାଟନ କରିଥିଲେ । ଥାନାଧିକାରୀ ମମତା ନାୟକଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସମୁଦାୟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ସମ୍ବଲପୁର ରକ୍ତ ଭଣ୍ଡାରର ଡାକ୍ତର କଳ୍ପେଶ କକ୍କଡ, ସନ୍ତୋଷ ଗୌଡ଼, ମନବୋଧ ନାୟକ, ତାପସ ଏବଂ ବୁର୍ଲା ରକ୍ତ ଭଣ୍ଡାରର ମଣ୍ଟୁ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ । ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ କ୍ଷେତରାଜପୁର ଥାନାର ଏସଆଇ ଲଲାଟେନ୍ଦୁ ତାଣ୍ଡି, ଏସଆଇ ମମତା ମିଶ୍ରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ । ଶିବିରକୁ ଏକତା ଗ୍ରୁପ୍, ଆମ ପୁଲିସ ସମିତି, ଅନାମିକା କ୍ଲବ, ସମ୍ବଲ ଓ ସ୍ଥାନୀୟ ଜନତା ସହାୟତା କରିଥିଲେ ।

ବୋଡାସମ୍ବର ସଙ୍ଗୀତ ସମିତି ତରଫରୁ ମୁହୁରୀ ଉତ୍ସବ

ବରଗଡ଼: ପଦ୍ମପୁରର ସଂଗୀତ ସମିତି ଆନୁକୁଲ୍ୟରେ ପ୍ରଥମ ବୋଡାସମ୍ବର ମୁହୁରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଳାକାର୍‌ମାନଙ୍କର ଏକ ଶୋଭାଯାତ୍ରା ବନ ଦୁର୍ଗା ମନ୍ଦିର ଠାରୁ ସହର ସାରା ପରିକ୍ରମା କରିଥିଲା । ଆୟୋଜିତ ସଭାରେ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଦେଇଥିବା ବେଳେ ଏନ୍.ଏ.ସି ଅଧକ୍ଷା ଶ୍ରୀମତୀ ସାବିତ୍ରୀ ବାଗ ଉପାଧକ୍ଷ ଶ୍ରୀମତୀ ଭାରତୀ ପଟ୍ଟନାୟକ ନିରୋଜ ଦୋରା ପୂର୍ବ ତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ନାଟ୍ୟ ନିର୍ଦ୍ଦେଶକ ଅଶୋକ କୁମାର ବହିଦାର ପୂର୍ବତନ ବ୍ଲକ ଅଧକ୍ଷା ଶ୍ରୀ କୁମର ମଣି ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମିତିର ସଭାପତି ରାଜେଶ ଗୁର୍ଲା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମିତିର ସମ୍ପାଦକ ରମେଶ ଗୁର୍ଲା ମୁହୁରୀ ଉତ୍ସବ ଉଦ୍ଦେଶ୍ୟରେ ଗଣ୍ଡା ବଜାର ପାରମ୍ପରିକ ସୁର ବାଦ୍ୟ 'ମୁହୁରୀ' ର ପାରମ୍ପରିକ ମୌଳିକତା ଓ ସାଙ୍ଗିକତାର ସୁରକ୍ଷା ପାଇ ଏହି ଉତ୍ସବ ବଲି କହିଥିଲେ । ପରେ ପରେ ବିଶିଷ୍ଟ କଳାକାରମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୁହୁରୀ ଉପରେ ଗବେଷଣା କରି ଫେଲୋସିପ ପାଇଥିବା ସୁଦାମ ମହାନନ୍ଦ ଧନ୍ୟବାଦ ଦେଇଥିଲେ ।

ବ୍ରଜ ଗୋପୀକା ସେବା ମିଶନ ପୁରୀର ବଦାନ୍ୟତା

Indian Overseas Bank
SAMBALPUR PUBLIC LIBRARY
Three Lakh only

ସମ୍ବଲପୁର: ସମ୍ପ୍ରତି ବ୍ରଜ ଗୋପୀକା ସେବା ମିଶନ ପୁରୀ ତରଫରୁ ସମ୍ବଲପୁର ପବ୍ଲିକ ଲାଇବ୍ରେରୀକୁ ୩ ଲକ୍ଷ ଟଙ୍କାର ସହାୟତା ରାଶି ଏକ ଚେକ୍ ମାଧମରେ ପ୍ରଦାନ କରାଯାଇଛି । ସମ୍ପୃକ୍ତ ଅନୁଷ୍ଠାନର ଏକ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ସର୍ବଶ୍ରୀ ଦେବାନନ୍ଦ ନାୟକ,ବନ୍ଦନା ହୋତା ଓ ଶଶି ଭୂଷଣ ଦଳାଇ ପୁରୀ ଆଶ୍ରମରୁ ପ୍ରଖ୍ୟାତ ପ୍ରବଚିକା ପୂଜ୍ୟା ରାସେଶ୍ୱରୀ ଜି ମହୋଦୟା ଙ୍କ ବାର୍ତ୍ତା ନେଇ ପୁରୀରୁ ସମ୍ବଲପୁର ଆସି ଏହି ଚେକ୍ ଲାଇବ୍ରେରୀର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ଲାଇବ୍ରେରୀର ସଭ୍ୟ ସମ୍ପାଦକ ଶ୍ରୀ ରଘୁନାଥ ମିଶ୍ର, ଡକ୍ଟର ଗିରିଧାରୀ ହୋତା ଓ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଗତ ୨୩ ତାରିଖ ଦିନ ଲାଇବ୍ରେରୀ ତରଫରୁ ଆୟୋଜିତ ଜାତୀୟ ସମ୍ମାନରେ ବିଶେଷ ଅତିଥି ଭାବେ ଯୋଗ ଦେବା ଅବସର ରେ ସାଧ୍ୱୀ ପ୍ରବଚିକା ପୂଜ୍ୟା ରାସେଶ୍ୱରୀ ଦେବୀ ଏହି ସହାୟତା ରାଶି ଲାଇବ୍ରେରୀର ଉନ୍ନତି ପାଇଁ ଘୋଷଣା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହି ଅବସରରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମଧ୍ୟ ଏକ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଥିବାରୁ ଲାଇବ୍ରେରୀ ତରଫରୁ ଉଭୟଙ୍କ ଠାରେ କୃତଜ୍ଞତା ଜ୍ଞାପନ କରାଯାଇଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra